## ସଂକ୍ଷେପରେ

### ସବୁଜ ଭାରତ କାର୍ଯ୍ୟକ୍ରମରେ ଚାରା ରୋପଣ



ଆଳି,୨୯।୧୦(ଡି.ଏନ୍.ଏ.): ସବୁଜ ଭାରତ କାର୍ଯ୍ୟକ୍ରମ ଅନୁଯାୟୀ ଶନିବାର ଭାରତୀୟ ଷ୍ଟେଟ ବ୍ୟାଙ୍କ ଆଳି ଶାଖା ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଷ୍ଟେଟ ବ୍ୟାଙ୍କ ଆଳି ଶାଖା ପ୍ରବନ୍ଧକ ଅମୂଲ୍ୟ କୁମାର ଦାସ, ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ବିତରକ ଓ ବ୍ୟବସାୟ ଉନ୍ନତିକର ବ୍ୟବସାୟ ପ୍ରତିଷ୍ଠାନର ମୁଖ୍ୟ ପରିଚାଳକ ଉମାକାନ୍ତ ପୂଜାରୀ ଓ ବ୍ୟାଙ୍କ ମାନବ ସମ୍ବଳ ପରିଚାଳକ ସତ୍ୟପ୍ରିୟ ଦଳାଇ ପ୍ରମୁଖ ସ୍ଥାନୀୟ ମେଣ୍ଡପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଓ ମହମ୍ମଦ ହସିମୁଦ୍ଦିନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୧ଶହ ଚାରରୋପଣ କରିଥିଲେ । ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦ୍ମଲୋଚନ ମହାଲିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାନସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟରେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା । ପ୍ରଧାନ ଶିକ୍ଷକ ମହାଲିକ ଏଥିରେ ଅଧ୍ୟକ୍ଷତା କରିଥିଲେ । ଏହି ସଭାରେ ବ୍ୟାଙ୍କ ପକ୍ଷରୁ ପୂଜାରୀ, ବ୍ୟାଙ୍କ ପରିଚାଳକ ଦାସ,ସାହିତ୍ୟିକ ବନମାଳୀ ସେନାପତି, ସହକାରୀ ଶିକ୍ଷକ ପ୍ରମୋଦ ମଲ୍ଲିକ ଯୋଗ ଦେଇ ଚାରା ଲଗାଇବା ଦ୍ୱାରା ଆମର କି ପ୍ରକାର ଉପକାର ପାଇଥାଉ ତାହା ବର୍ଣ୍ଣନା କରିଥିଲେ ।

### ସ୍ୱୟଂସହାୟିକା ଗୋଷ୍ଠୀ ପାଇଁ ଋଣ ମେଳା

ମାର୍ଶାଘାଇ,୨୯।୧୦(ଡି.ଏନ୍.ଏ.): ଶନିବାର ମାର୍ଶାଘାଇ ବ୍ଲକ ସଭାଗୃହରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ପାଇଁ ଏକ ଋଣ ମେଳା ଅନୁଷ୍ଠିତ ହୋଇଯାଇଛି । ବିଡିଓ ଉମାଶଙ୍କର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଋଣ ପାଇବା ଦ୍ୱାରା ମହିଳାମାନେ ଆର୍ଥିକସ୍ତରରେ ସ୍ୱାବଲମ୍ବୀ ହେବା ସହିତ ସେମାନେ ବିଭିନ୍ନ ଧନ୍ଦାମୂଳକ କାର୍ଯ୍ୟରେ ନିୟୋଜିତ ହୋଇ ପାରିବେ ବୋଲି କହିଥିଲେ । ବ୍ଲକ ଜୀବିକା ମିଶନର ପ୍ରୋଗ୍ରାମ ଅଧିକାରିଣୀ ସଂଜ୍ଞା ସାଗରୀକା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମେଳାରେ ବିଭିନ୍ନ ଅଧିକାରୀମାନେ ଯୋଗ ଦେଇ ୧୩୯ ମହିଳା ସ୍ୱୟଂ ସହାୟିକା ଗୋଷ୍ଠିଙ୍କୁ ୩ କୋଟି ୬୫ ଲକ୍ଷ ୫୬ ହଜାର ଟଙ୍କାର ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରିଥିଲେ ।



### ପୂଜକ ନାରାୟଣ ପଣ୍ଡାଙ୍କ ପରଲୋକ

ଆଳି,୨୯।୧୦(ଡି.ଏନ୍.ଏ.): ଆଳି ର ଶାସ୍ତ୍ରବିତ ନାରାୟଣ ପଣ୍ଡା (୬୫)ଙ୍କ ଗୁରୁବାର ପରଲୋକ ହୋଇଯାଇଛି । ଗତ କିଛିଦିନ ହେବ ତାଙ୍କର ମସ୍ତିକାଘାତ ହେବାରୁ ସେ କଟକରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ । ଗାଁରେ ତାଙ୍କ ମୃତଦେହ ପହଞ୍ଚିବା ପରେ ବହୁ ଲୋକ ତାଙ୍କ ଶେଷ ଦର୍ଶନ କରିଥିଲେ । ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଆଳି ପ୍ରସିଦ୍ଧ କପିଳେଶ୍ୱର ମହାଦେବଙ୍କ ସେ ସ୍ଥାୟୀ ପୂଜକ ଥିଲେ ।

# ଜରାଜୀର୍ଣ୍ଣ ବାତ୍ୟା ଆଶ୍ରୟସ୍ଥଳ, ତଟବନ୍ଧର ସୁରକ୍ଷା ଚିନ୍ତା

ପଟ୍ଟାମୁଣ୍ଡାଇ,୨୯।୧୦(ସ୍ୱ.ପ୍ର.)

୧୯୯୯ ଅକ୍ଟୋବର ୨୯ ମହାବତ୍ୟାକୁ ୨୩ ବର୍ଷ । ଆଜି ବି ଲୋକେ ଭୁଲି ପାରିନାହାନ୍ତି ସେଦିନ । ସମୁଦ୍ରର ବିଶାଳ ଢ଼େଉ ,୩୦୦ କିମି ବେଗରେ ବହୁ ଥିବା ପବନରେ ଲୋଟି ଯାଉଥିଲା ବହୁ ମହାଦ୍ରୁମ । ଏଥିରେ କେନ୍ଦ୍ରାପଡା ଜିଲାର ଅଧିକାଂଶ ବ୍ଲକ ଧ୍ୱଂସ ସ୍ତୁପରେ ପରିଣତ ହୋଇଥିଲା । ରାଜ୍ୟରେ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ କେନ୍ଦ୍ରାପଡ଼ା ଜିଲାର ୩୮୭ ଜଣଙ୍କ ଜୀବନ ଯାଇଥିଲା । ୧୮୦୩ ଜଣ ଆହତ ହୋଇଥିଲେ । ୩ ହଜାରରୁ ଅଧିକ ମାଛଧରା ଡଙ୍ଗା, ୪୮,୯୦୬ ଗୃହପାଳିତ ପଶୁପକ୍ଷୀଙ୍କ ସହିତ ଜିଲାରେ୨,୯୭ ,୮୧୪ ଟି ଘର ଭାଙ୍ଗିଥିବା ଜିଲା ଜରୁରୀକାଳୀନ ବିଭାଗ ସୂତ୍ରରୁ ସୂଚନା ମିଳୁଛି ।

ଏହାପରେ ରାଜ୍ୟ ସରକାର ଗଠନ କରିଥିଲେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଓସଡମା) । ବିପର୍ଯ୍ୟୟ ପରିଚାଳନା ପାଇଁ ସରକାର ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ନିର୍ମାଣ କଲେ ବାତ୍ୟା ଆଶ୍ରୟସ୍ଥଳୀ । ଏହି ବାତ୍ୟା ଆଶ୍ରୟସ୍ଥଳୀକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ବାତ୍ୟା ଆଶ୍ରୟସ୍ଥଳ ନିର୍ମିତ ହୋଇଛି ସତ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତ ନ ଥିବା ଅଭିଯୋଗ ହୋଇଛି । ସେଠାରେ ଓସ୍‌ଡମା ପକ୍ଷରୁ ବାତ୍ୟା ତଥା ବନ୍ୟା ସମୟରେ ବିପନ୍ନମାନଙ୍କୁ ଉଦ୍ଧାର ଓ ପ୍ରାଥମିକ ଚିକିତ୍ସା ଯୋଗାଇବା ପାଇଁ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଓ ବିଭିନ୍ନ ସରଞ୍ଜାମ ରଖାଯାଇଥିଲା । ପଟ୍ଟାମୁଣ୍ଡାଇ, ବ୍ଲକର ୧୩ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଥିଲା । ଉକ୍ତ କେନ୍ଦ୍ରରେ ୨ଟି ଲେଖାଏ ଆସ୍କା ଲାଇଟ, ୨ଟି ଚେନସ(କଟର), ଡ଼ିଜି ସେଟ, ସାଇରନ, କ୍ୟାଟରିଂ ସେଟ(୧୫୦୦-୨୦୦୦ ଲୋକଙ୍କ ପାଇଁ), ଲାଇଫ ଜାକେଟ ଆଦି ଲକ୍ଷାଧିକ ଟଙ୍କା ବ୍ୟୟରେ ସରଞ୍ଜାମ ଯୋଗାଇ ଦିଆଯାଇଥିଲା । ବାତ୍ୟା ଆଶ୍ରୟସ୍ଥଳୀ ଓ ଉପରୋକ୍ତ ସରଞ୍ଜାମ ରକ୍ଷଣାବେକ୍ଷଣ ପାଇଁ ବାତ୍ୟାଆଶ୍ରୟ ରକ୍ଷଣାବେକ୍ଷଣ କମିଟି ଗଠନ କରାଯାଇଥିଲା । ପ୍ରତି କେନ୍ଦ୍ର ଅଧୀନରେ ସ୍ୱେଚ୍ଛାସେବୀମାନେ ତାଲିମପ୍ରାପ୍ତ ହୋଇ ସମ୍ଭାବ୍ୟ ବିପର୍ଯ୍ୟୟ ସମୟରେ ଉଦ୍ଧାର ଓ ପ୍ରାଥମିକ ଚିକିତ୍ସା ଯୋଗାଇବାକୁ ପ୍ରସ୍ତୁତ ହୋଇ ରହିଥିଲେ । କିନ୍ତୁ ଏବେ ଏସବୁ ପ୍ରାୟତଃ କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ । ଅନେକ କେନ୍ଦ୍ରରେ ଏହାକୁ ବିକ୍ରି କରିଦିଆଯାଇଛି । ଅନ୍ୟଥା କେଉଁଠାରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି । ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ବି ଆଉ ନାହାନ୍ତି । କେବଳ ବାତ୍ୟାଶ୍ରୟ ରକ୍ଷଣାବେକ୍ଷଣ କମିଟି ନାମକୁ ମାତ୍ର ରହିଛି । ଏହାର ସମ୍ପାଦକମାନଙ୍କ ହେପାଜତରେ ଉପରୋକ୍ତ ସରଞ୍ଜାମ ରଖାଯାଇଛି । କେତେକ ବାତ୍ୟା ଆଶ୍ରୟସ୍ଥଳୀରେ ସମ୍ପାଦକମାନେ ୨୨ ବର୍ଷ ପର୍ଯ୍ୟନ୍ତ ଦାୟିତ୍ୱରେ ରହିଛନ୍ତି । ରାଜନୈତିକ ଚାପ ଫଳରେ ସେମାନଙ୍କୁ ବଦଳା ଯାଇ ପାରୁ ନ ଥିବା ମଧ୍ୟ ଅଭିଯୋଗ ହେଉଛି ।



ଜରାଜୀର୍ଣ୍ଣ ଅବସ୍ଥାରେ ଏକ ବାତ୍ୟା ଆଶ୍ରୟସ୍ଥଳ ।

କେନ୍ଦ୍ରାପଡ଼ା ଜିଲାରେ ବିପର୍ଯ୍ୟୟର ସୁପରିଚାଳନା ପାଇଁ ଆବଶ୍ୟକ ସୁଦୃଢ଼ ଭିତ୍ତିଭୂମି ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇପାରିନାହିଁ । ଜଳବାୟୁର ଦ୍ରୁତ ପରିବର୍ତ୍ତନ କାରଣରୁ ଜିଲାପ୍ରତି ଭୟାବହ ସାମୁଦ୍ରିକ ଝଡ଼ ଓ ସୁନାମୀ ଆଶଙ୍କା ବଢ଼ିବାରେ ଲାଗିଛି । ଏହାକୁ ମୁକାବିଲା କରିବାରେ ତଟାଞ୍ଚଳରେ ଥିବା ହେନ୍ତାଳ ଜଙ୍ଗଲର ବ୍ୟାପକତା ଜରୁରୀ ଥିଲେ ମଧ୍ୟ ଏ କ୍ଷେତ୍ରରେ କୌଣସି ଉପଲବ୍ଧି ମିଳିପାରିନାହିଁ । ବରଂ ହେନ୍ତାଳ ଜଙ୍ଗଲ ଅବକ୍ଷୟମୁଖୀ ହେଉଛି । ଜିଲାର ୭୪୪କିମି ତଟବନ୍ଧ ମଧ୍ୟରୁ ମାତ୍ର ୩୨ କିମିକୁ ୬ ମିଟର ଉଚ୍ଚା କରିବା ସହିତ ସୁଦୃଢ଼ କରିବା ପାଇଁ ସରକାର ଚଳିତ ବର୍ଷ ୨୦୫କୋଟି ୬୨ଲକ୍ଷ ୪୯ହଜାର ଟଙ୍କା ମଞ୍ଜୁର କରିଛନ୍ତି । ଅବଶିଷ୍ଟ ତଟବନ୍ଧ ଆଡୁ ବିପଦ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ମତ ପ୍ରକାଶ ପାଇଛି । ବାତ୍ୟା ଓ ସୁନାମୀର ସତର୍କ ସୂଚନା ଦେବାକୁ ତଟାଞ୍ଚଳରେ ପ୍ରତିଷ୍ଠା କରାଯାଇଥିବା ୨୦ଟି ଡ଼ପଲର ଆଲାର୍ଟ ମଧ୍ୟରୁ ୯ଟି ବହୁ ବର୍ଷ ହେଲା ଅଚଳ ହୋଇପଡ଼ିଛି । ବିଗତ ବାତ୍ୟା କାଳରେ ସେଥିରୁ ସାଇରନ୍ ନ ବାଜିବା ତଟାଞ୍ଚଳବାସୀଙ୍କୁ ଭ୍ରମିତ କରିଥିଲା । ଏଯାଏ ତା'ର ମଧ୍ୟ ସମାଧାନ ହୋଇପାରିନାହିଁ । ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ବିଡ଼ିଓ ଭରତ ଚନ୍ଦ ପରିଡାଙ୍କୁ ପଚାରିବାରୁ ସେ ସମସ୍ତ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ ସହିତ ସରଞ୍ଜାମ ଠିକ୍ ଅବସ୍ଥାରେ ଅଛି ବୋଲି କହିଛନ୍ତି । ଯେଉଁଠାରେ ରକ୍ଷଣାବେକ୍ଷଣ ଆବଶ୍ୟକ ରହିଛି ତାହା ତୁରନ୍ତ କରାଯିବ । ତେବେ ଏନେଇ ସରକାରଙ୍କ ପକ୍ଷରୁ ଯାହା ନିର୍ଦ୍ଦେଶ ଆସିବ ଆମେ ତାହା ପାଳନ କରିବୁ ବୋଲି ସେ ସ୍ପଷ୍ଟ କରିଛନ୍ତି ।

### କାର୍ଯ୍ୟଦକ୍ଷତା ଅଭିବୃଦ୍ଧି ପାଇଁ ପ୍ରଶିକ୍ଷଣ

ରଘୁନାଥପୁର,୨୯।୧୦(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ତାରପୁର ବାଇପାସସ୍ଥିତ ମା'ନାରାୟଣୀ ମନ୍ଦିର ପରିସରରେ ଜନସେବା କେନ୍ଦ୍ରର ଭିଏଲଇ(ଗ୍ରାମ୍ୟସ୍ତରୀୟ ଉଦ୍ୟୋଗୀ)ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ କାର୍ଯ୍ୟଦକ୍ଷତା ଓ ରୋଜଗାର ଅଭିବୃଦ୍ଧି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏହାଛଡା ଗ୍ରାମାଞ୍ଚଳରେ ଲୋକମାନେ ଅନ୍‌ଲାଇନ ଜରିଆରେ କିପରି ସମସ୍ତ କାର୍ଯ୍ୟ ସମ୍ପାଦନ କରିପାରିବେ ସେଥିପ୍ରତି ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଥିଲା । ସିନିୟର ମ୍ୟାନେଜର ଦିଲୀପ କୁମାର ଦାସ, ଜିଲା ସଂଯୋଜକ ଦେବାଶିଷ ବାରିକ ଓ ପର୍ଯ୍ୟବେକ୍ଷକ ଦୀପକ କୁମାର ଦାଶ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ । ଆଲୋକଜ୍ୟୋତି ନନ୍ଦ ଓ ପ୍ରିୟବ୍ରତ ନାୟକ ସଭା ପରିଚାଳନା କରିଥିଲେ । ସୁଦୀପ କୁମାର ଦାସ ଅତିଥି ପରିଚୟ ଓ ବିଶ୍ୱଜିତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରଶାନ୍ତ ମହାରଣା, ନାରାୟଣ ସାହୁ, ସୁଧାଂଶୁ ମହାରଣା, ପ୍ରତିମା ଲେଙ୍କା, ରୁମାନା ପରବିନ, ସୁଭଦର୍ଶନୀ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

# ମହିଳା, ଶିଶୁ ଓ ଦିବ୍ୟାଙ୍ଗଙ୍କ ସୁରକ୍ଷା ଉପରେ ଗୁରୁତ୍ୱ




ବିପର୍ଯ୍ୟୟ ପ୍ରଶମନ ଦିବସ ସଭାରେ ମଞ୍ଚାସୀନ ଅତିଥି ।

ମାର୍ଶାଘାଇ,୨୯।୧୦(ଡି.ଏନ୍.ଏ.)

### ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ

ମାର୍ଶାଘାଇ ବ୍ଲକ ବେରୁହାଁ ଗ୍ରାମ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଠାରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ-୨୨ ପାଳିତ ହୋଇଯାଇଛି । ୧୯୯୯ ମହାବାତ୍ୟାର ୨୩ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିପର୍ଯ୍ୟୟ ହ୍ରାସ ପାଇଁ ଗୋଷ୍ଠିଗତ କାର୍ଯ୍ୟ ପ୍ରକ୍ରିୟା ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା । ମାର୍ଶାଘାଇ ବିଡିଓ ଉମାଶଙ୍କର ବେହେରା, ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଜିଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକ, ଓସ୍‌ଡମା ଜିଲା ପ୍ରୋଗ୍ରାମ ଅଧିକାରୀ ମହେନ୍ଦ୍ର ସ୍ୱାଇଁ, ମାର୍ଶାଘାଇ ଅଗ୍ନିଶମ ଅଧିକାରୀ ଅଜୟ ମୁଦୁଲି, କେନ୍ଦ୍ରାପଡ଼ା ନିୟନ୍ତ୍ରିତ ବଜାର କମିଟି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ବେରୁହାଁ ସରପଞ୍ଚ ବାବାଜୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମହିଳା, ଶିଶୁ ଓ ଦିବ୍ୟାଙ୍ଗମାନଙ୍କୁ ପ୍ରାଥମିକତା ଭିତ୍ତିରେ କିଭଳି ସାହାଯ୍ୟ କରାଯାଇପାରିବ ଓ ବିପର୍ଯ୍ୟୟର ସତର୍କ ସୂଚନା ଆସିବା ପରେ ଲୋକମାନଙ୍କୁ କିଭଳି ସୁରକ୍ଷିତ ସ୍ଥାନକୁ ନିଆଯାଇପାରିବ ତା'ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ମାର୍ଶାଘାଇ ଅଗ୍ନିଶମ ବିଭାଗ ପକ୍ଷରୁ ମକ୍ ଡ୍ରିଲ୍ କରାଯାଇଥିଲା । ବିଡିଓ ବେହେରା ଉପସ୍ଥିତ ଲୋକ ଓ ଛାତ୍ରୀଛାତ୍ରଙ୍କୁ ବିପର୍ଯ୍ୟୟ ପ୍ରଶମନ ଉପରେ ଶପଥ ପାଠ କରାଇଥିଲେ । ସାମାଜିକ ସଙ୍ଗଠନ ପାର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ପ୍ରଫୁଲ୍ଲ ସାମନ୍ତରାୟ, ନିର୍ଦ୍ଦେଶକ ପ୍ରଭାସ ସାମନ୍ତରାୟ, ସାମାଜିକ କର୍ମୀ ଲଳିତ ସେନାପତି, ବିଶ୍ୱଜିତ ନାୟକ, ସର୍ବେଶ୍ୱର ଦାସ ଓ ସୂର୍ଯ୍ୟକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

### ଡେରାବିଶ ବ୍ଲକ୍‌ରେ ଦ୍ୱିତୀୟ ପର୍ଯ୍ୟାୟ ଜନସମ୍ପର୍କ ପଦଯାତ୍ରା

ଡେରାବିଶ,୨୯।୧୦(ସ୍ୱ.ପ୍ର.)

ଡେରାବିଶ ବ୍ଲକ ବିଜେଡି ପକ୍ଷରୁ ଆରମ୍ଭ ହୋଇଥିବା ଜନସମ୍ପର୍କ ପଦଯାତ୍ରା ଶନିବାର ଦ୍ୱିତୀୟ ପର୍ଯ୍ୟାୟରେ ପହଞ୍ଚିଛି । ଅପରାହ୍ନରେ ବ୍ଲକ ଅଧୀନ କାଉପଡ଼ା ପଞ୍ଚାୟତ ବାଘିଲୋ ମଠ ନିକଟରୁ ପଦଯାତ୍ରା ଆରମ୍ଭ ହୋଇଥିଲା । ବ୍ଲକ୍ ବିଜେଡି ସଭାପତି ଦେବଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ପଦଯାତ୍ରାରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ୍ ସାମିଲ ହୋଇଥିଲେ । ପଦଯାତ୍ରା କାଉପଡ଼ା ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିବା ପରେ ଖମୋଳ ପଞ୍ଚାୟତର ବଡ଼ଫୋଗଲଠାରେ ପହଞ୍ଚି ଥିଲା । ସ୍ଥାନୀୟ ସରପଞ୍ଚ ତୃପ୍ତିମୟୀ କର, ସମିତିସଭ୍ୟ ଅକ୍ଷୟ ନାୟକଙ୍କ ନେତୃତ୍ୱରେ ବହୁ ଦଳୀୟ କର୍ମୀ ଓ ମହିଳାମାନେ ପଦଯାତ୍ରାକୁ ସ୍ୱାଗତ କରିଥିଲେ । ପଦଯାତ୍ରା ଜହ୍ନିମୂଳଠାରେ ପହଞ୍ଚିବା ପରେ ବ୍ଲକ ସଭାପତି ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ବିଧାୟିକା ଅଗ୍ରୱାଲ୍, ସଞ୍ଜୟ ଅଗ୍ରୱାଲ୍, ଜିଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, ରାଜ୍ୟ ଯୁବ ଜନତା ଦଳର ସମ୍ପାଦକ ସୁଦିପ୍ତ ସାମଲ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲ୍ଲିକ ଓ ଧନେଶ୍ୱର ସେଠୀ, ବରିଷ୍ଠ ବିଜେଡି ନେତା ଗଣେଶ୍ୱର ବେହେରା, ଭବାନୀ ପ୍ରସାଦ ଓଝା, ନରସିଂହପୁର ସରପଞ୍ଚ ସୁଧୀର କୁମାର ଖଟୁଆ, କାଉପଡ଼ା ସରପଞ୍ଚ ପ୍ରତାପ କୁମାର ବେହେରା, ସମିତି ସଭ୍ୟା ମିଳନପ୍ରଭା ମଲିକ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ରାଜ୍ୟର ପ୍ରଗତି ପାଇଁ ବିଶେଷ କରି ମହିଳାଙ୍କ ବିକାଶ ପାଇଁ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ ।

## ଗୋଟିଏ ପରିବାରର ୪ ବଖରା ଜଳିଗଲା

ରାଜନଗର,୨୯।୧୦(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ବାଟିପଡ଼ା (ପୋଖରିଆ ) ଗାଁରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାର ୪ ବଖରା ଚାଳଛପର ଘର ସମ୍ପୂର୍ଣ୍ଣ ପୋଡ଼ିଯାଇଛି । ଏଥିରେ ଦିବାକର ବେହେରାଙ୍କ ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି । ଶନିବାର ଭୋର୍ ସମୟରେ ତାଙ୍କ ଚାଳରେ ନିଆଁ ଲାଗିଥିଲା । ଗ୍ରାମବାସୀଙ୍କ ସହିତ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ । ହେଲେ ନିଆଁ ପ୍ରକୋପ ଏତେ ଥିଲା ଯେ ଘରୁ କୌଣସି ଜିନିଷପତ୍ର ବାହାର କରିବା ସମ୍ଭବ ହୋଇ ନ ଥିଲା । ଫଳରେ ଟଙ୍କା, ଧାନଚାଉଳ, ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା । ଖବର ପାଇ ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଆର୍‌ଆଇ କମଳାକାନ୍ତ ମଲ୍ଲିକ ବିପନ୍ନ ପରିବାରକୁ ଭେଟି ପାଲ ଦେବା ସହିତ ସରକାରୀ ସହାୟତା ମିଳିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।



ପୋଡ଼ିଯାଇଥିବା ଘର ।

## ସାମ୍ବାଦିକ ସଂଘର ସାଙ୍ଗଠନିକ ବୈଠକ

ତିର୍ତ୍ତୋଲ, ୨୮।୧୦ (ଡି.ଏନ.ଏ.)

ତିର୍ତ୍ତୋଲ ସାମ୍ବାଦିକ ସଂଘର ସାଙ୍ଗଠନିକ ବୈଠକ ଶାରଳା ରୋଡ଼ ନିକଟ ଜଗନ୍ନାଥ ମନ୍ଦିର ବେଢ଼ା ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘର ଉପସଭାପତି ଗୌରାଙ୍ଗ ଚରଣ ସ୍ୱାଇଁ ସଭାପତିତ୍ୱ କରିଥିଲେ । ସଦସ୍ୟମାନେ ସାଙ୍ଗଠନିକ ବ୍ୟବସ୍ଥା ଅନୁଯାୟୀ ଆଲୋଚନାରେ ନିଜର ମତାମତ ଦେଇଥିଲେ । ଆସନ୍ତା ବର୍ଷ ପ୍ରାରମ୍ଭରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ନିମନ୍ତେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା । ବୈଠକରେ ସଭାପତି ରମାକାନ୍ତ ରାଉଳ, ସମ୍ପାଦକ ଟୁକନ ଚରଣ ସେଠୀ, ସହସମ୍ପାଦକ ନିଶାକର ଦାସ, କୋଷାଧ୍ୟକ୍ଷ ସୁଧାଂଶୁ ଶେଖର ପୁଷ୍ଟି, ଅମର ଜ୍ୟୋତି ସାହୁ, ଶ୍ରୀବତ୍ସ ଲାଞ୍ଛନ ପାତ୍ରୀ, ଜୟନ୍ତ ପରିଜା, ରଞ୍ଜନ ଖୁଣ୍ଟିଆ, ଶୁଶିଲ ମହାପାତ୍ର, ପ୍ରଭାତ ପରିଡ଼ା, ଲଗନ ମହାନ୍ତି ଓ ଚନ୍ଦ୍ରକାନ୍ତ ବାରିକ, ପ୍ରମୁଖ ଉପସ୍ଥିତ ଥିଲେ ।

## ସରକାରୀ ଦୋକାନ ଗୃହ ଭଡାରେ ଦେଇଥିବା ବ୍ୟକ୍ତିଙ୍କ ଚୁକ୍ତିନାମା ବାତିଲ ଦାବି

କୁଜଙ୍ଗ,୨୯।୧୦(ଡି.ଏନ୍.ଏ.)

କୁଜଙ୍ଗ ବଜାରରେ ପଂଚାୟତ ସମିତି ତରଫରୁ ସରକାରୀ ଅର୍ଥରେ ନିର୍ମାଣ କରାଯାଇଥିବା ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସର ଦୋକାନ ଗୃହକୁ ହାତେଇ ଭଡ଼ାରେ ଦେଇଥିବା ଅଣବ୍ୟବସାୟୀଙ୍କ ଚୁକ୍ତିନାମା ବାତିଲ କରିବାକୁ ଦାବି ହୋଇଛି । ମାଟି ସୁରକ୍ଷା ମଞ୍ଚର ସଂଯୋଜକ ହୃଷିକେଶ ନାଥ ଓ ସାମାଜିକ କର୍ମୀ ବୈଷ୍ଣବ ଚରଣ ଦାସ ଏନେଇ ଏକ ପ୍ରେସ ବିଜ୍ଞପ୍ତି ଜାରି କରିଛନ୍ତି । ସେଥିରେ ଦର୍ଶାଯାଇଛି ଯେ,କୁଜଙ୍ଗ ବଜାରର ପରିବା ପିଣ୍ଡି ସବୁଠାରୁ ଛୋଟ ହୋଇଥିବା ବେଳେ ସେଠାରୁ ସର୍ବାଧିକ ଭଡା ଆଦାୟ କରାଯାଉଛି । ବହୁ ବଡ ବଡ ମାର୍କେଟ କମ୍ପ୍ଲେକ୍ସରେ ଘର ଭଡା ଏକ ହଜାର ଟଙ୍କା ହୋଇଥିବାବେଳେ ପିଣ୍ଡି ଉପରେ ୩ ହଜାର ଟଙ୍କା ଭଡା ଧାର୍ଯ୍ୟ କରାଯାଇଛି । ଅପରପକ୍ଷେ ପିଣ୍ଡି ପାଇଥିବା ଅଣବ୍ୟବସାୟୀଙ୍କ ଉପରେ ପ୍ରାୟ ୮୬ ଲକ୍ଷରୁ ଉର୍ଦ୍ଧ ଟଙ୍କା ବକେୟା ରହିଛି । ପ୍ରକୃତ ହିତାଧିକାରୀ ଚିହ୍ନଟ କରାଯାଇ ଏହି ଅଣବ୍ୟବସାୟୀଙ୍କ ଚୁକ୍ତିନାମା ବାତିଲ କରିବାକୁ ପ୍ରେସ ବିଜ୍ଞପ୍ତିରେ ଦାବି କରାଯାଇଛି । ଏ ସମ୍ପର୍କରେ ବିଡିଓ ସୋମ୍ୟଶ୍ରୀ ପାଣିଗ୍ରାହୀ କହିଛନ୍ତି, ପିଣ୍ଡି ପାଇଥିବା ବ୍ୟକ୍ତିଙ୍କୁ କୌଣସି ନୂତନ ନିର୍ମାଣ କରିବାକୁ ବାରଣ କରାଯାଇଛି । ବକେୟା ଟଙ୍କା ଆଦାୟ ସମ୍ପର୍କରେ କହିଛନ୍ତି, ପ୍ରଥମେ ବାକିଥିବା ଟଙ୍କା ଆଦାୟ ହେବ । ପରେ ଆଇନଅନୁଯାୟୀ ପ୍ରକୃତ ବ୍ୟବସାୟୀ ଚିହ୍ନଟ କରାଯାଇ ଅଣବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ମହାବାତ୍ୟା ସ୍ମୃତି ଉଦ୍ଦେଶ୍ୟରେ ଦୀପଦାନ

ଏରସମା,୨୯।୧୦(ସ. ପ୍ର.):

୧୯୯୯ ମହାବାତ୍ୟାର ସ୍ମୃତି ଉଦ୍ଦେଶ୍ୟରେ ଶନିବାର ସନ୍ଧ୍ୟାରେ ଏରସମା ବ୍ଲକ କାର୍ଯ୍ୟାଳୟରେ ସମୂହ ଦୀପଦାନ ଓ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମୂହ ଦୀପଦାନ କାର୍ଯ୍ୟକ୍ରମରେ ବିଡିଓ କୈଳାସ ଚନ୍ଦ୍ର ବେହେରା, ଅତିରିକ୍ତ ବିଡ଼ିଓ ଜ୍ଞାନ ରଞ୍ଜନ ଲେଙ୍କା, ଜିପିଓ ଦୀପକ ରଞ୍ଜନ ଓଝା, ନଳିନୀ ରଞ୍ଜନ ମନ୍ତ୍ରୀ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ମହାପାତ୍ର, ଜିଲା ପରିଷଦ ପୀତବାସ ଗୋଛାୟତ, ଯୁବ ବିଜେଡି ସଭାପତି ପାର୍ଥ ସାରଥି ରାଉତ, ଏମପିଙ୍କ ପ୍ରତିନିଧି ଅକ୍ଷୟ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ । ସେହିପରି ଗଡ଼ବିଶୁନିପୁର ପଞ୍ଚାୟତର ନଲାଭେଡୀ ଗ୍ରାମରେ ମହବାତ୍ୟାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ସ୍ମୃତିରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉପରୋକ୍ତ ଅତିଥିମାନେ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ରାଣୀ ଗୁରୁ, ପ୍ରଭାକର ବେହେରା, ପ୍ରଭାକର ସ୍ୱାଇଁ, ସମିତି ସଭ୍ୟା ସୁଶ୍ରୀ ସଙ୍ଗୀତା ଗୁରୁ, ଚନ୍ଦନ କରଣ, ପ୍ରଫୁଲ୍ଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ମହାବାତ୍ୟାର ସ୍ମୃତି ଉଦ୍ଦେଶ୍ୟରେ ଦୀପଦାନ କରାଯାଉଛି ।

# ମହାବାତ୍ୟା ଅନୁଭୂତି ବିପର୍ଯ୍ୟୟ ମୁକାବିଲାର ଶିକ୍ଷା ଦେଇଛି

ଜଗତ୍‌ସିଂହପୁର ଅଫିସ, ୨୯।୧୦

୧୯୯୯ ମହାବାତ୍ୟା କେବଳ ଓଡ଼ିଶା କି ଭାରତ ପାଇଁ ନୁହେଁ, ସାରା ପୃଥିବୀ ପାଇଁ ଏକ ସ୍ମରଣୀୟ ଦିବସ । ଏହିବର୍ଷ ଅକ୍ଟୋବର ୨୯ରେ ମହାବାତ୍ୟା ଏଭଳି କରାଳ ରୂପ ନେଇଥିଲା ଯାହା ସାଧାରଣରେ ଅବିଶ୍ୱାସନୀୟ ଥିଲା । ସହସ୍ରାଧିକ ଲୋକଙ୍କ ଜୀବନ ଚାଲି ଯାଇଥିଲା । ଜଗତ୍‌ସିଂହପୁର ଜିଲାର ପ୍ରଭୂତ କ୍ଷତି ହୋଇଥିଲା । ସେହି ଦିନକୁ ମନେ ପକାଇବା ପାଇଁ ପ୍ରତିବର୍ଷ ଜିଲା ପ୍ରଶାସନ ପକ୍ଷରୁ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ କରାଯାଉଛି ବୋଲି ରାଜ୍ୟ ସରକାରୀ ଦଳ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଏହା କହିଛନ୍ତି । ଶନିବାର ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ସେ ଯୋଗଦେଇ କହିଥିଲେ, ସେଦିନର ଅନୁଭୂତିରୁ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲ କ୍ଷେତ୍ରରେ ଅନେକ ଶିକ୍ଷା ପାଇଛି । ଜିଲା ପ୍ରଶାସନ ଓ ସାଧାରଣ ଜନତା ମଧ୍ୟ ଅନେକ ମାତ୍ରାରେ ସଚେତନ ହୋଇଛନ୍ତି । ସମୟାନୁକ୍ରମେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଓଡ଼ିଶା ସଫଳ ହେବା ସହ ଏକ ମଡେଲ ରାଜ୍ୟ ଭାବେ ପରିଗଣିତ ହୋଇପାରୁଛି । ଆଗାମୀ ଦିନରେ ଯଦି ପ୍ରାକୃତିକ ବିପର୍ଯ୍ୟୟ ଆସେ ତା'ର ସଫଳ ମୁକାବିଲା ପାଇଁ ଅର୍ଥାତ୍ ଜିରୋ କାଜୁଆଲିଟି ନିମନ୍ତେ ଜିଲାବାସୀ ସଚେତନ ରହିବାକୁ ମୁଦୁଲି ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ମନୋଜ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାବାତ୍ୟା ସମୟର ଦୁଃଖ କଥା ବଖାଣିଥିଲେ । ସେତେବେଳେ ଜିଲାର ୧୦ ହଜାରରୁ ଅଧିକ ଲୋକ ମୃତାହତ ହେବା ହୃଦୟସ୍ପର୍ଶୀ ଥିଲା । ଏହାପରେ ହୁଡ୍‌ହୁଡ୍, ଫାଇଲିନ୍ ଭଳି ବାତ୍ୟା ହୋଇଛି । ସୌଭାଗ୍ୟ ଏହାର ସଫଳ ମୁକାବିଲା କ୍ଷେତ୍ରରେ ଆମେ ସଫଳ ହୋଇଛୁ । ଆଗକୁ ସେଭଳି ପରିସ୍ଥିତି ଉପୁଜିଲେ ପ୍ରତ୍ୟେକ ଏକଜୁଟ ହୋଇ ଜିଲା ପ୍ରଶାସନ ସହଯୋଗକ୍ରମେ ସଫଳ ମୁକାବିଲା କରିବାକୁ ଉପସ୍ଥିତ ଲୋକଙ୍କୁ ସେ ଆହ୍ୱାନ ଦେଇଥିଲେ । ଜଗତ୍‌ସିଂହପୁର ପୌର ପୌରାଧକ୍ଷା ଅର୍ଚ୍ଚନା ସିଂହ ମଧ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଜିଲାପାଳ ପାରୁଲ ପଟୱାରୀ ପୌରୋହିତ୍ୟ କରି କହିଥିଲେ, ଜଗତ୍‌ସିଂହପୁର ଏକ ବାତ୍ୟା ପ୍ରଭାବିତ ଜିଲା । ତେଣୁ ଜିଲା ପ୍ରଶାସନ ସବୁବେଳେ ସଜାଗ ରହୁଛି । ଜନସାଧାରଣଙ୍କ ସହଯୋଗ ରହିଲେ ଦୁର୍ବିପାକର ସଫଳ ମୁକାବିଲା କରାଯାଇପାରିବ । ପ୍ରାକୃତିକ ବିପର୍ଯ୍ୟୟ ପୂର୍ବରୁ ଓଡ଼ିଶା ସରକାର ଯେଉଁ ପ୍ରସ୍ତୁତି କରିଥାନ୍ତି ତାହା ଅନ୍ତର୍ଜାତୀୟସ୍ତରରେ ସୁନାମ ଆଣିପାରିଛି । ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ ସ୍ୱାଗତ ସୂଚନା ଓ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଜିଲା ଜରୁରୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଦିବଂଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ କରାଯାଇଥିଲା । କାର୍ଯ୍ୟକ୍ରମ ପୂର୍ବରୁ ପିଲା ଓ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ମହାବାତ୍ୟାରେ ପ୍ରାଣ ହରାଇଥିବା ଦିବଂଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ପଡିଆରେ ସମୂହ ଦୀପଦାନ କାର୍ଯ୍ୟକ୍ରମ ହୋଇଥିଲା । କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।




ବିପର୍ଯ୍ୟୟ ପ୍ରଶମନ ଦିବସ ଉପଲକ୍ଷେ ଆୟୋଜିତ ସଚେତନତା ଶୋଭାଯାତ୍ରା ।

### ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି, ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ

# କମ୍ପ୍ୟୁଟର ଯୋଗାଣରେ ଟେଣ୍ଡର ଫିକ୍ସିଂ

■ ଚଢ଼ା ଦରରେ ନିମ୍ନମାନର ଯୋଗାଣ
■ ଜିଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର

ଯାଜପୁର ଅଫିସ,୨୯।୧୦

ସ୍ମାର୍ଟ ସ୍କୁଲ ପାଇଁ କମ୍ପ୍ୟୁଟର ଯୋଗାଣ ନିମନ୍ତେ ଗଭର୍ନମେଣ୍ଟ ଇ-ମାର୍କେଟିଂ (ଜିଇଏମ୍) ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ହେଲେ କେତେଜଣ ଡିଲରଙ୍କ ସହିତ ବିଡିଓମାନେ ସଲାସୁତରା କରି ଫିକ୍ସିଂ କରିବାରେ ସଫଳ ହୋଇଥିବା ଅଭିଯୋଗ ହୋଇଛି। ୟୁପିଏସ୍ ନିର୍ମାଣକାରୀ ଏକ କମ୍ପାନୀର ବହୁ ସ୍ୱୀକୃତିପ୍ରାପ୍ତ ଡିଲର ଜିଇଏମ୍ ବିଡିଂରେ ଅଂଶଗ୍ରହଣ କରିଥିଲେ। କିନ୍ତୁ ସେମାନଙ୍କୁ ବିଡିଓମାନେ ପୁଣି ଏକ ସ୍ୱୀକୃତି ପ୍ରମାଣପତ୍ର ଦାଖଲ କରିବାକୁ ନିୟମ ଧାର୍ଯ୍ୟ କରୁଛନ୍ତି। ବିଡିଂରେ ଅଂଶଗ୍ରହଣ କରୁଥିବା ସବୁ ଡିଲରଙ୍କୁ ମନିଟର ପ୍ରସ୍ତୁତକାରୀ କମ୍ପାନୀ ଏଚ୍‌ପି ପକ୍ଷରୁ ସ୍ୱୀକୃତି ପ୍ରମାଣପତ୍ର ଦେଇଛନ୍ତି। କିନ୍ତୁ ୟୁପିଏସ୍ ପ୍ରସ୍ତୁତକାରୀ କମ୍ପାନୀ ପକ୍ଷରୁ ତା'ର ଡିଲରଙ୍କୁ ବିଡିଂ ପାଇଁ ସ୍ୱୀକୃତି ପ୍ରମାଣପତ୍ର ଦିଆ ନ ଯାଇ ଯେଉଁମାନେ ବିଡିଓଙ୍କ ସହ ବିଡିଂ ଫିକ୍ସିଂ କରି ପାରୁଛନ୍ତି ସେଇମାନଙ୍କୁ ହିଁ କେବଳ ସ୍ୱୀକୃତି ପ୍ରମାଣପତ୍ର ପ୍ରଦାନ କରୁଥିବା ଅଭିଯୋଗ ହୋଇଛି। କମ୍ପ୍ୟୁଟର ପିଛା ୧୦ରୁ ୧୨ ହଜାର ଟଙ୍କା କମିଶନ କାରବାର ହେଉଥିବାରୁ ବିଡରମାନେ ଚଢ଼ା ଦରରେ ନିମ୍ନମାନର କମ୍ପ୍ୟୁଟରେ ଯୋଗାଉଥିବାବେଳେ ତାହା ଉପରେ କେହି ଆପତ୍ତି ଉଠାଉ ନାହାନ୍ତି। ଯାଜପୁର ଜିଲାର ସ୍ମାର୍ଟ ସ୍କୁଲ ପିଛା ୪ଟି ଲେଖାଏ କମ୍ପ୍ୟୁଟର କିଣାରେ ଏଭଳି ଦୁର୍ନୀତି


ପିଲାଙ୍କୁ କମ୍ପ୍ୟୁଟର ଶିକ୍ଷା ଦିଆଯାଉଛି।

ଅଣାୟତ୍ତ ହୋଇଛି। ଜିଲା ଇନ୍‌ଫର୍ମେସନ ଅଧିକାରୀ, ଇ-ଗଭର୍ନାନ୍ସ ମ୍ୟାନେଜର କିମ୍ବା ରାଜ୍ୟସ୍ତରୀୟ ନିରୀକ୍ଷଣ ସଂସ୍ଥା ଓକାକ ପକ୍ଷରୁ ଉକ୍ତ କମ୍ପ୍ୟୁଟରଗୁଡ଼ିକର ମାନ ଯାଞ୍ଚ କରିବାକୁ ଆଗ୍ରହ ଦେଖିବାକୁ ମିଳୁନାହିଁ। ତେଣୁ ଏହି ଫିକ୍ସିଂରେ ତଳସ୍ତରରୁ ଉପର ପର୍ଯ୍ୟନ୍ତ ଭିତିରିଆ ବୁଝାମଣା ରହିଥିବା ଅଭିଯୋଗ ହେଉଛି।

ଜୁଲାଇରେ ଯାଜପୁର ଜିଲାର ଧର୍ମଶାଳା ଓ ବିଞ୍ଝାରପୁର ବିଡିଓ ଚଢ଼ା ଦରରେ ନିମ୍ନମାନର କମ୍ପ୍ୟୁଟର କିଣିଥିବା ନେଇ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ନଜରକୁ ଆସିଥିଲା। ଏହାପରେ କମ୍ପ୍ୟୁଟର ପିଛା ୩୫ରୁ ୪୦ ହଜାର ଟଙ୍କା ମଧ୍ୟରେ କିଣିବାକୁ ଜିଲାପାଳ ଏକ ସମୀକ୍ଷା ବୈଠକ କରି ସମସ୍ତ ବିଡିଓଙ୍କ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବଡ଼ଚଣା ଓ ରସୁଲପୁର ବିଡିଓ ଜିଲାପାଳଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରି ନିର୍ଦ୍ଦିଷ୍ଟ କେତେକ ସଂସ୍ଥାଙ୍କ ଚଢ଼ାଦରର ବିଡିଂକୁ ସ୍ୱୀକୃତି ଦେଇ ସେମାନଙ୍କୁ କମ୍ପ୍ୟୁଟର ଯୋଗାଣ ପାଇଁ ଆଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକୁ ବି ଏଠାରେ ବିଡିଓମାନେ ଆଦୌ ଧ୍ୟାନ ଦେଇ ନ ଥିବାରୁ ଏହା ପଛରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ହାତ ରହିଥିବା ଆଲୋଚନା ହେଉଛି। ବିଞ୍ଝାରପୁର ବ୍ଲକ ପାଇଁ ଯେଉଁ ସଂସ୍ଥାଠାରୁ କମ୍ପ୍ୟୁଟର କିଣାଯାଇଥିଲା ବଡ଼ଚଣା ବିଡିଓ ସେହି ସଂସ୍ଥାଠାରୁ କିଣିବାକୁ ଆଗ୍ରହ ଦେଖାଇଥିଲେ। ଧର୍ମଶାଳା ବିଡିଓ ଯେଉଁ ତିନୋଟି ସଂସ୍ଥାଠାରୁ କମ୍ପ୍ୟୁଟର କିଣିଥିଲେ ରସୁଲପୁର ବିଡିଓ ମଧ୍ୟ ସେହି ସଂସ୍ଥାଠାରୁ କିଣିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ବଡ଼ଚଣା ବିଡିଓଙ୍କ ବଦଳି ଆଦେଶ ପ୍ରକାଶ ପାଇବା ପରେ ସେ କୁଆଡ଼େ ପିସି ନେଇ ପିଛିଲା ତାରିଖରେ କମ୍ପ୍ୟୁଟର ଯୋଗାଣ ପାଇଁ କଟକର ଏକ ସଂସ୍ଥାକୁ ଆଦେଶ ଦେଇଥିବା କୁହାଯାଉଛି। କେବଳ ସେତିକି ନୁହେଁ, ଆବେଦନକାରୀ ବିଡରଙ୍କ କାଗଜପତ୍ର ଯାଞ୍ଚ କରିବା ପରେ କେବଳ କଟକର ସେହି ଗୋଟିଏ ସଂସ୍ଥା ବିଡିଂ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ଆଉ ଦ୍ୱିତୀୟ କୌଣସି ବିଡର ନ ଥିଲେ। ତଥାପି ବଡଚଣା ବିଡିଓ ସେହି ବିଡିଂକୁ ସ୍ୱୀକୃତି ଦେଇ କମ୍ପ୍ୟୁଟର ଯୋଗାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାହା ତଦନ୍ତସାପେକ୍ଷ ବୋଲି ଦାବି ଉଠିଛି। ଅନ୍ୟପକ୍ଷେ ଏଭଳି ଅନିୟମିତ କାର୍ଯ୍ୟ ପ୍ରତିବାଦରେ ଅନ୍ୟ ବିଡରମାନେ ଯାଜପୁର ଜିଲାପାଳଙ୍କ ସମେତ ପଞ୍ଚାୟତିରାଜ ବିଭାଗ ଏବଂ ୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଉଦ୍‌ବେଗ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପଚାରିବାରେ ସେ କହିଛନ୍ତି, ଜିଇଏମ ମାଧ୍ୟମରେ ହେଉଥିବା ଟେଣ୍ଡରରେ ଫିକ୍ସିଂ ହେବାର କୌଣସି ସମ୍ଭାବନା ନାହିଁ। ଯେଉଁ ସଂସ୍ଥା ତାଙ୍କ ଡିଲରମାନଙ୍କୁ ସ୍ୱୀକୃତି ପ୍ରମାଣପତ୍ର ଦେଉନାହାନ୍ତି ସେଇଟା ତାଙ୍କ ବିଷୟ। ଏନେଇ କୌଣସି ବିଡର ତାଙ୍କ ପାଖରେ ଏଯାଏ ଅଭିଯୋଗ କରିନାହାନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ଭାଜପା ନେତା, ସ୍ତ୍ରୀ ଗୁରୁତର

ରସୁଲପୁର, ୨୯।୧୦ (ଡି.ଏନ.ଏ.): କୁଆଖିଆ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ବିଜୁନଗରସ୍ଥିତ ହୋଟେଲ ଲକିଷ୍ଟାର ନିକଟରେ ଏକ ଦୁର୍ଘଟଣା ଘଟିଛି। ପିକ୍‌ଅପ୍ ସହ କାର୍ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ କାର୍‌ରେ ଥିବା ଦମ୍ପତି ଗୁରୁତର ହୋଇଛନ୍ତି। ସେମାନେ ହେଲେ କୋରେଇ ଭାଜପା ନେତା ବିଶ୍ୱଜିତ୍ ନାୟକ ଓ ତାଙ୍କ ସ୍ତ୍ରୀ ସଂଗୀତା ନାୟକ। ଉଭୟଙ୍କୁ ରାଜପଥ ଆମ୍ବୁଲାନ୍ସ ସହାୟତାରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଶନିବାର ଅପରାହ୍ନରେ ଭାଜପା ନେତା କଟକ ଅଭିମୁଖେ ଯାଉଥିବା ସମୟରେ ଭୁଲ ରାସ୍ତାରେ ଆସୁଥିବା ଏକ ପିକ୍‌ଅପ ଭ୍ୟାନ ନଂ.ଓଡି-୦୫-ଏସି-୭୭୪୨ ସହ ତାଙ୍କ କାର ନଂ-ଏଚ୍‌ଆର-୫୧-ଏକେ-୮୪୮୦ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ କାରଟି ଅଧିକାଂଶ ଅଂଶ ଭାଙ୍ଗି ଯାଇଥିବା ବେଳେ ଭାଜପା ନେତା ଓ ତାଙ୍କ ସ୍ତ୍ରୀ ଆହତ ହୋଇଥିଲେ। ସେମାନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଜଣାଯାଇଛି। କୁଆଖିଆ ପୋଲିସ ପହଞ୍ଚି ଆହତଙ୍କୁ ଡାକ୍ତରଖାନାକୁ ପଠାଇଥିଲା। ପରେ ପୋଲିସ କାର ଓ ଭ୍ୟାନକୁ ଜବତ କରି ତଦନ୍ତ ଜାରି ରଖିଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା। ପ୍ରକାଶ ଥାଉ କି, ଆହତ ଭାଜପା ନେତା ୨୦୧୯ରେ କୋରେଇ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ହୋଇ ବିଜେଡି ପ୍ରାର୍ଥୀଙ୍କଠାରୁ ପରାସ୍ତ ହୋଇଥିଲେ। ସେ ଏକ ଘରୋଇ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଯାଉଥିବା ବାଟରେ ଦୁର୍ଘଟଣାର ଶିକାର ହୋଇଥିଲେ।

### ୫ ଗାଡ଼ି ଜବତ, ୬ କ୍ରଶର ଉପରେ ଜରିମାନା

ଧର୍ମଶାଳା,୨୯।୧୦(ଡି.ଏନ.ଏ.): ଧର୍ମଶାଳା ତହସିଲ ପକ୍ଷରୁ ଶନିବାର ବାଜାବାଟି ଓ ବାଘୁଆ ପାହାଡ଼ ନିକଟରୁ ୫ଟି ଗାଡ଼ି ଜବତ କରାଯିବା ସହ ବାଘୁଆଠାରେ ଥିବା ୬ଟି କ୍ରଶରକୁ ଜରିମାନା କରାଯାଇଛି। ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ଓ ବଳରାମପୁର-୧ ଆର୍‌ଆଇ ଚନ୍ଦନ ସାହୁ, ନାକପୋଲ ଏଆର୍‌ଆଇ ଜଗବନ୍ଧୁ ଜେନା ପ୍ରମୁଖ ବଜାବାଟି ପାହାଡ଼ରେ ଚଢାଉ କରି ଏକ ଜେସିବି, କଳାପଥର ବୋଝେଇ ଏକ ଟିପ୍ପର ଓ ଏକ ଟ୍ରାକ୍ଟର ଜବତ କରିଥିଲେ। ପରେ ଏମାନେ ବାଘୁଆ ପାହାଡ଼ରେ ବେଆଇନ ପରିବାହନ କରୁଥିବା ୨ଟି ଟ୍ରାକ୍ଟରକୁ ଜବତ କରିଥିଲେ। ଏଥିସହ ବାଘୁଆ ପାହାଡ଼ ନିକଟରେ ଥିବା ଜଗନ୍ନାଥ, ମା' ଦୁର୍ଗା ଷ୍ଟୋନ, ପାରିଜାତ ଷ୍ଟୋନ କ୍ରଶର, ବ୍ରଦର୍ସ ଷ୍ଟୋନ କ୍ରଶର, ଦୁର୍ଗାମାଧବ ଷ୍ଟୋନ କ୍ରଶର ଓ ଦୟାଲ ଷ୍ଟୋନ କ୍ରଶର କାଗଜପତ୍ର ଯାଞ୍ଚ କରିବା ସହ ଲକ୍ଷାଧିକ ଟଙ୍କା ଜରିମାନା କରିଥିଲେ। ଆସନ୍ତା ୭ଦିନ ମଧ୍ୟରେ ଜରିମାନା ପଇଠ କରିବା ପାଇଁ କ୍ରଶରମାଲିକମାନଙ୍କୁ ତହସିଲଦାର ଦାସ ନିର୍ଦ୍ଦେଶ ଦେଇଛନ୍ତି।

### ପୂର୍ବତନ ସରପଞ୍ଚଙ୍କ ବିୟୋଗ

ପାଣିକୋଇଲି,୨୯।୧୦(ଡି.ଏନ.ଏ.): କୋରେଇ ବ୍ଲକ୍ ଗୋଳେଇପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁବାସ ଦାସଙ୍କ(୫୫)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ପରଲୋକ ଘଟିଛି। ସେ ପୂର୍ବରୁ ଯକୃତ ରୋଗରେ ପୀଡ଼ିତ ହୋଇଥିଲେ। ସ୍ୱର୍ଗତ ଦାସ ଜଣେ ବରିଷ୍ଠ ରାଜନେତା, ଯାଦବ ମହାସଭାର ଲଢୁଆ କାର୍ଯ୍ୟକର୍ତ୍ତା ଓ ଜିଲାର ଜଣେ ସଙ୍କୀର୍ତ୍ତନ ଗାୟକ ଭାବେ ପରିଚିତ ଲାଭ କରିଥିଲେ। ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବା କ୍ଷଣି ଭାଜପା ନେତା ଆଲେକଜାଣ୍ଡାର ଦାସ ଏବଂ ବିଜେଡି ଓ କଂଗ୍ରେସ ନେତା ଗୋଳେଇପୁର ସରପଞ୍ଚ, ସମିତିସଭ୍ୟଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ତାଙ୍କପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ପରିବାରକୁ ସମବେଦନା ଜଣାଇଥିଲେ।

### ୩ ବଖରା ଜଳିଗଲା

ଚଣ୍ଡିଖୋଲ,୨୯।୧୦(ଡି.ଏନ୍.ଏ.): ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଣକା ପଞ୍ଚାୟତର ମହାଦେଇପୁର ଗ୍ରାମରେ ଶନିବାର ଭୋର ସମୟରେ ଅଗ୍ନିକାଣ୍ଡ ଘଟି ୩ ବଖରା ଘର ଜଳିଯାଇଛି। ମହାଦେଇପୁର ଗ୍ରାମର ପ୍ରଦୀପ୍ତ ଦାସ ସପରିବାର ଶୋଇଥିବା ବେଳେ ହଠାତ୍ ଭୋରୁ ନିଆଁ ଲାଗି ଘର ଜଳି ଉଠିଥିଲା। ଏଥିରେ ଘରର ସମସ୍ତ ଆସବାପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଚଣ୍ଡିଖୋଲ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ସବୁକିଛି ଜଳି ଯାଇଥିଲା। ପୋଡ଼ି ଯାଇଥିବା ସମ୍ପତ୍ତିର ମୂଲ୍ୟ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ବିଦ୍ୟୁତ୍ ସଟ ସର୍କିଟ ଯୋଗୁ ଏଭଳି ଅଗ୍ନିକାଣ୍ଡ ଘଟିଥାଇ ପାରେ ବୋଲି ଗ୍ରାମବାସୀ କହିଛନ୍ତି।

# ଧର୍ମଶାଳା ମହାବିଦ୍ୟାଳୟରେ ଖୋଲିବ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଷ୍ଟଡି ସେଣ୍ଟର

ଧର୍ମଶାଳା,୨୯।୧୦(ଡି.ଏନ.ଏ.)

ଧର୍ମଶାଳା ମହାବିଦ୍ୟାଳୟରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚଳିତ ବର୍ଷଠାରୁ ଷ୍ଟଡି ସେଣ୍ଟର ଖୋଲାଯିବାକୁ ଅନୁମତି ପ୍ରଦାନ କରାଯାଇଛି। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପତ୍ର ସଂଖ୍ୟା ଓଏସ୍‌ଓୟୁ ୨୮୨୨/ତା-୧୪.୧୦.୨୦୨୨ ଅନୁସାରେ ଏହି ମହାବିଦ୍ୟାଳୟରେ ସ୍ନାତକୋତ୍ତର(ପିଜି)ରେ ଓଡ଼ିଆ ଓ ଇତିହାସ ପାଠ୍ୟକ୍ରମ ରହିବ। ସେହିପରି ସ୍ନାତକ(ୟୁଜି)ରେ ଓଡ଼ିଆ, ଇଂରାଜୀ, ସଂସ୍କୃତ, ଇତିହାସ, ରାଜନୀତି ବିଜ୍ଞାନ, ଅର୍ଥଶାସ୍ତ୍ର, କମ୍ପ୍ୟୁଟର ଆପ୍ଲିକେସନ, ସାଇବର ସିକ୍ୟୁରିଟିରେ ଡିପ୍ଲୋମା ପାଠ୍ୟକ୍ରମ ପ୍ରଦାନ ପାଇଁ ମଞ୍ଜୁରୀ ପ୍ରାପ୍ତ ହୋଇଛି। ଏହି ଶିକ୍ଷାରେ ସମସ୍ତ ବର୍ଗର ଛାତ୍ରୀଛାତ୍ର ଶିକ୍ଷାଲାଭ କରିପାରିବେ। ଏଥିପାଇଁ ଇଚ୍ଛୁକ ଛାତ୍ରୀଛାତ୍ର ଅନଲାଇନରେ ଆବେଦନ କରିପାରିବେ। ଏନେଇ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରକାଶ ଥାଉ କି, ମହାବିଦ୍ୟାଳୟ ୪୫ତମ ସ୍ୱନକ୍ଷତ୍ର ସମାରୋହରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଠାରେ ମୁକ୍ତ ବିଶ୍ୱବିଦ୍ୟାଳୟ ଖୋଲିବା ପାଇଁ ଘୋଷଣା କରିଥିଲେ। ଉପରୋକ୍ତ ପାଠ୍ୟକ୍ରମଗୁଡିକରେ ଯୋଗଦାନ ପୂର୍ବକ ନାମ ଲେଖାଇବା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ତପନ କୁମାର ମିଶ୍ର ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।

# ଶ୍ରୀବଳଦେବ କ୍ଷେତ୍ର ପରିକ୍ରମା



ସତ୍ସଙ୍ଗରେ ଯୋଗ ଦେଇଥିବା ସାଧୁସନ୍ଥ ଓ ଅତିଥି।

ବରୀ,୨୯।୧୦(ଡି.ଏନ.ଏ.)

ଠାକୁର ଶ୍ରୀବଳଦେବ ଗଣତନ୍ତ୍ରର ମହାପ୍ରତୀକ ଭାବେ ବିଦ୍ୟମାନ ବୋଲି ପଦ୍ମଶ୍ରୀ ବାବା ବଳିଆ ଅଭିହିତ କରିଛନ୍ତି। ହଳ କୃଷକଙ୍କର ପ୍ରତୀକ, ମୁଷଳ ବିଜ୍ଞାନ ତଥା କର୍ମର ପ୍ରତୀକ ଓ ଠାକୁରଙ୍କର ବଳହିଁ ସୈନିକଙ୍କର ପ୍ରତୀକ, ଯାହା ଆଜି ଗଣତନ୍ତ୍ରର ୩ ଅଙ୍ଗ ବୋଲି ବିବେଚନା କରାଯାଏ। ଜୟ ଯବାନ, ଜୟ କିଶାନ ଓ ଜୟ ବିଜ୍ଞାନ। ଅତଏବ ସାରା ରାଜ୍ୟରେ ଶ୍ରୀବଳଦେବ କ୍ଷେତ୍ର ଆଜି ଅବହେଳିତ ଅବସ୍ଥାରେ ପଡ଼ିଛି। ଏପରି କି କେନ୍ଦ୍ରାପଡ଼ାର ଶ୍ରୀବଳଦେବ କ୍ଷେତ୍ର ବା ତୁଳସୀ କ୍ଷେତ୍ର ମଧ୍ୟ ଅବହେଳିତ। ଏହାକୁ ଲକ୍ଷ୍ୟକରି ପଦ୍ମଶ୍ରୀ ବାବା ବଳିଆ ତାଙ୍କର ପଟ୍ଟଶିଷ୍ୟ ଡ.ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀଙ୍କୁ ରାଜ୍ୟର ବିଭିନ୍ନ ବଳଦେବ କ୍ଷେତ୍ର ପରିକ୍ରମା ନାମକ ଏକ କାର୍ଯ୍ୟକ୍ରମ ଆଦୃତ କରି କେନ୍ଦ୍ରାପଡ଼ା ଶ୍ରୀବଳଦେବ ଜୀଉଙ୍କର ଆଜ୍ଞାମାଳ ସହିତ ପ୍ରେରଣ କରିଛନ୍ତି।

ଶୁକ୍ରବାର ସନ୍ଥ ଡ. ଚିଦାନନ୍ଦ ବ୍ରହ୍ମଚାରୀ କେନ୍ଦ୍ରାପଡ଼ାରୁ ବାହାରି ବରୀ ବ୍ଲକ ଅନ୍ତର୍ଗତ ଅଭିମନ୍ୟୁ ବାଳିଆର ଶ୍ରୀ ହରିପୁର ଗ୍ରାମର ଶ୍ରୀବଳଦେବ ଜୀଉଙ୍କ ମନ୍ଦିରରେ ପହଞ୍ଚିଥିଲେ। ହରିପୁର ହାଇସ୍କୁଲ ନିକଟରୁ ଶ୍ରୀବଳଦେବଙ୍କ ଆଜ୍ଞାମାଳକୁ ସଂକୀର୍ତ୍ତନର ତାଳେ ତାଳେ ସ୍ୱାଗତ କରାଯାଇ ଗ୍ରାମ ଭ୍ରମଣ ପରେ ଶ୍ରୀବଳଦେବ ମନ୍ଦିରକୁ ନିଆଯାଇଥିଲା। ସେଠାରେ ବିଶିଷ୍ଟ ଶିକ୍ଷାବିତ ବେଣୁଧର ପତିଙ୍କ ସଭାପତିତ୍ୱରେ ଏକ ସତ୍ ସଙ୍ଗ ଅନୁଷ୍ଠିତ ହୋଇଥିଲା। ସଭାରେ ଡ. ଚିଦାନନ୍ଦ ଯୁବକମାନଙ୍କୁ ଆହ୍ୱାନ ଦେଇ କହିଲେ ଯେ, ମଦ୍ୟ ମାଦକତାରୁ ଦୂରରେ ରହି ବଳଦେବ ସଂସ୍କୃତିକୁ ଆପଣାଇଲେ ଜୀବନର ମାର୍ଗ ସଫଳ ହୋଇପାରିବ। ଏଥିସହିତ ନିଜର ପରିବେଶକୁ ସଜାଡି ଚାରାରୋପଣ କରିବା ହିଁ ପୂଜ୍ୟପାଦ ବାବା ବଳିଆଙ୍କ ଆହ୍ୱାନ ବୋଲି ନିଜର ବକ୍ତବ୍ୟ ମାଧ୍ୟମରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଗଗନ ବିହାରୀ ଜେନା, ଡ. ପ୍ରଭଞ୍ଜନ ପତି, ଶରତ କୁମାର ଜେନା କ୍ଷେତ୍ର ମହିମା ବିଷୟରେ ଆଲୋକପାତ କରିଥିଲେ। ଏହାପରେ ଠାକୁରଙ୍କ ଆଜ୍ଞାମାଳକୁ ବରୀ ଅରଙ୍ଗାବାଦକୁ ନିଆଯାଇଥିଲା। ସନ୍ଧ୍ୟାରେ ବରୀ ନୂଆଗାଁସ୍ଥିତ ବଳଦେବ ମନ୍ଦିର ପ୍ରାଙ୍ଗଣରେ ଡ. ଚିଦାନନ୍ଦଙ୍କ ଦ୍ୱାରା ସତ୍ସଙ୍ଗ କରାଯାଇଥିଲା। ଉପସ୍ଥିତ ସଜ୍ଜନଙ୍କୁ ସାମାଜିକ କର୍ମୀ ଆଶୁତୋଷ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ଘରେ ପଶି ଭଙ୍ଗାରୁଜା, ଆକ୍ରମଣ ଅଭିଯୋଗ

ପାଣିକୋଇଲି, ୨୯।୧୦ (ଡି.ଏନ.ଏ.)

ପାଣିକୋଇଲିଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ସୋଡି ଗ୍ରାମରେ ଘରେ ପଶି ଭଙ୍ଗାରୁଜା କରିବା ସହ ପ୍ରତିବାଦ କରିବାରୁ ଘୋଷାଡି ମାଡ ମାରିବା ନେଇ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ନଂ.୨୪୯/୨୨ ରୁଜୁ କରି ତଦନ୍ତ ଜାରି ରଖିଛି। ସୋଡି ଗ୍ରାମର ନାରାୟଣ ପଣ୍ଡାଙ୍କ ସ୍ତ୍ରୀ ମେନକାଙ୍କ ଅଭିଯୋଗ ମୁତାବକ, ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ତାଙ୍କ ଗ୍ରାମର କାଳନ୍ଦୀ ଦାଶଙ୍କ ପୁଅ ସତ୍ୟବାନ ତାଙ୍କ ଘରେ ପଶି ଆଜବେଷ୍ଟସ ଭଙ୍ଗାରୁଜା କରିଥିଲେ। ମେନକା ଏହାର ପ୍ରତିବାଦ କରିବାରୁ ସତ୍ୟବାନ ତାଙ୍କୁ ଘୋଷାଡ଼ି ମାଡ଼ ମାରିଥିଲେ।

# ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ଚଣ୍ଡିଖୋଲ,୨୯।୧୦(ଡି.ଏନ୍.ଏ.)

ବଡ଼ଚଣା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବଡ଼ଚଣା ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ବାଉଁଶପୁଟ ଗ୍ରାମର ଦୀପକ ଦେହୁରି(୧୮)। ସେ ଶନିବାର ଅପରାହ୍ନରେ ଜାତୀୟ ରାଜପଥରେ ରାସ୍ତା ପାର ହେଉଥିବାବେଳେ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ବଡ଼ଚଣା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀକେନ୍ଦ୍ରକୁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# ସାମାଜିକ କର୍ମୀ ସମ୍ବର୍ଦ୍ଧିତ


ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତରଫରୁ ସତ୍ୟରଞ୍ଜନ କରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବରୀ,୨୯।୧୦(ଡି.ଏନ.ଏ.)

ବରୀ ବ୍ଲକ୍ ଅଞ୍ଚଳର ଯୁବ ସାମାଜିକ କର୍ମୀ ସତ୍ୟରଞ୍ଜନ କର ଶନିବାର ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତରଫରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲିକ, ଜିଲା ଜରୁରୀକାଳୀନ ଅଧିକାରୀ ଉମେଶ ଚନ୍ଦ୍ର ଲେଙ୍କା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ, ଭାରପ୍ରାପ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ସୁଭାଶିଷ ମହାରଣା, ଜିଲା ଭାରପ୍ରାପ୍ତ ଅଗ୍ନିଶ୍ରମ ଅଧିକାରୀ ଅଜିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପରିବେଶ ସୁରକ୍ଷାକୁ ନିଜର ବ୍ରତ ଭାବେ ଗ୍ରହଣ କରି ବିଭିନ୍ନ ସରକାରୀ ସ୍ଥାନ, ଧର୍ମୀୟ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ପରିସରରେ ଚାରାରୋପଣ କରିବା ଓ ରକ୍ତଦାନ କରି ଲୋକଙ୍କ ଜୀବନ ବଞ୍ଚାଇବା କ୍ଷେତ୍ରରେ କରଙ୍କ ବହୁ ଅବଦାନ ରହିଛି। ଏତଦ୍‌ବ୍ୟତୀତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରଶାସନିକ ଅଧିକାରୀଙ୍କୁ ସହଯୋଗର ହାତ ବଢ଼ାଇବା ଏବଂ ନିଜର ବିବାହ ବାର୍ଷିକ, ଜନ୍ମଦିନ ଓ ବାପା-ମାଆଙ୍କ ଜନ୍ମ ଦିନରେ ରକ୍ତଦାନ, ସଡ଼କ ସୁରକ୍ଷା ନିୟମ ପାଳନ କରିବା ଓ ମହିଳା ସଶକ୍ତୀକରଣ କରିବା କ୍ଷେତ୍ରରେ କାର୍ଯ୍ୟ କରିବାରେ କରଙ୍କ ପ୍ରମୁଖ ଭୂମିକା ରହିଛି। ଏସବୁକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା କୁହାଯାଇଛି।

# ଟାଟା ଷ୍ଟିଲ ପକ୍ଷରୁ ମକ୍‌ଡ୍ରିଲ୍

ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ

କଳିଙ୍ଗନଗର, ୨୯।୧୦(ଡି.ଏନ.ଏ.)

ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ ଅବସରରେ ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ଶନିବାର ଏହାର କାରଖାନାରେ ଏକ ମକ୍‌ଡ୍ରିଲ୍ ଆୟୋଜିତ ହୋଇଯାଇଛି। କାରଖାନା ଭିତରେ ଥିବା ପ୍ରୋପେନ୍ ଷ୍ଟୋରେଜ୍ ୟାର୍ଡରୁ ସମ୍ଭାବ୍ୟ ଗ୍ୟାସ୍ ଲିକ୍ ସ୍ଥିତିରେ ଏହାର ପ୍ରତିରୋଧ ପ୍ରକ୍ରିୟା ଉପରେ ମକ୍‌ଡ୍ରିଲ୍ ହୋଇଥିଲା। ବାସ୍ତବରେ କୌଣସି ଗ୍ୟାସ୍ ଲିକ୍ ହୋଇ ନ ଥିବାବେଳେ ଏହି ମକ୍‌ଡ୍ରିଲ୍‌ରେ ଏକ ଅନୁକରଣୀୟ ସ୍ଥିତି ସୃଷ୍ଟି କରି ତାହାର ମୁକାବିଲା ଲାଗି ଅଗ୍ନିଶମ, ମେଡିକାଲ୍, ନିରାପତ୍ତା ଏବଂ ପରିଚାଳନାଗତ ପ୍ରସ୍ତୁତି ଦୃଷ୍ଟିରୁ ଏହାର ପରୀକ୍ଷା କରାଯାଇଥିଲା। ମକ୍‌ଡ୍ରିଲ୍ ସମୟରେ ଟିମ୍‌ଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଘଟଣାସ୍ଥଳରେ ପହଞ୍ଚିବା, ଘଟଣାସ୍ଥଳରୁ କର୍ମଚାରୀମାନଙ୍କୁ ବାହାର କରିବା, ସ୍ଥିତିର ସମୟୋପଯୋଗୀ ନିରୀକ୍ଷଣ ଓ ଏହାକୁ ନିୟନ୍ତ୍ରଣ କରିବା ଏବଂ ବାସ୍ତବରେ ସ୍ଥିତିର ମୁକାବିଲା ଲାଗି ବ୍ୟବହାରିକ ଶିକ୍ଷା ହାସଲ କରିବା ଉଦ୍ଦେଶ୍ୟରେ ଏହାର ଆୟୋଜନ କରାଯାଇଥିଲା। ଟାଟା ଷ୍ଟିଲ୍ କଳିଙ୍ଗନଗରର ନିରାପତ୍ତା ବିଭାଗ ପକ୍ଷରୁ ଏହି ମକ୍‌ଡ୍ରିଲ୍‌ର ଆୟୋଜନ କରାଯାଇଥିଲା।


କଳିଙ୍ଗନଗର ଟାଟା ଷ୍ଟିଲ୍ ପକ୍ଷରୁ ମକ୍‌ଡ୍ରିଲ୍ କରାଯାଉଛି।

# ଜିଲାସ୍ତରୀୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ

ଯାଜପୁର ଟାଉନ,୨୯।୧୦(ଡି.ଏନ.ଏ.)

ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଯାଜପୁର ଆନୁକୂଲ୍ୟରେ ସିମିଳିଆସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳ ପରିସରରେ ଶନିବାର ଜିଲାସ୍ତରୀୟ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ପାଳନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଆଗୁଆ ସତର୍କ ସୂଚନା ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ପରିଚାଳନାରେ ଆମେ ଦୃଢ଼ତାର ସହ କାର୍ଯ୍ୟ କରି ସାମ୍ଭାବ୍ୟ କ୍ଷୟକ୍ଷତିକୁ ବହୁ ଗୁଣରେ କମାଇବା ସହ ଧନଜୀବନ ହାନୀକୁ ଶୂନ ପତିଶତକୁ ଆଣିବାକୁ ଲକ୍ଷ୍ୟ ରଖିଛୁ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଚିକିତ୍ସାଧିକାରୀ ରମେଶ ଚନ୍ଦ୍ର ମଲିକ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଘଟୁଥିବା ଦୁର୍ଘଟଣା ଏବଂ ଏହାର ପ୍ରାଥମିକ ଉପଚାର କିପରି ଠିକ ଉପାୟରେ କରାଯାଇପାରିବ ସେ ବିଷୟରେ ପରାମର୍ଶ ଦେବା ସହ ସାପ କାମୁଡା ଓ ପାଣିରେ ବୁଡିଯିବା ଭଳି ଦୁର୍ଘଟଣା ଗୁଡ଼ିକର କିପରି ତ୍ୱରିତ ଚିକିତ୍ସା କରାଯାଇ ଜୀବନ


ଜିଲାସ୍ତରୀୟ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସରେ ମଞ୍ଚାସୀନ ଅତିଥି।

ରକ୍ଷା କରାଯାଇ ପାରିବ ସେ ବିଷୟରେ ପର୍ଯ୍ୟାପ୍ତ ଉଦାହରଣ ଦେଇଥିଲେ।

ଅନ୍ୟତମ ଅତିଥିଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ, ଅଗ୍ନିଶମ ଅଧିକାରୀ ଅଜିତ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶିବାଶିଷ ମହାରଣା, ମାଷ୍ଟର ଟ୍ରେନର ନୃସିଂହ ଚରଣ ମହାପାତ୍ର, ସିମିଳିଆ ସରପଞ୍ଚ ଗୋଲାପ ମଲିକ ପ୍ରମୁଖ ସେମାନଙ୍କ ଅଭିଭାଷଣରେ ଆଜିର ଦିବସର ତାତ୍ପର୍ଯ୍ୟ ଏବଂ ବିପର୍ଯ୍ୟୟ ସମୟରେ ଧନ ଜୀବନର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ଦିବସ ଉପଲକ୍ଷେ ଜିଲାର ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ବିପର୍ଯ୍ୟୟ ପ୍ରଶମନ କ୍ଷେତ୍ରରେ ଗୋଷ୍ଠୀ ସମୂହର ଭୂମିକା' ଶୀର୍ଷକ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ବିପର୍ଯ୍ୟୟ ପ୍ରଶମନ, ସମାଜ ସେବା, ଚାରାରୋପଣ ଓ ରକ୍ତ ଦାନ ପରି ମହତ କାର୍ଯ୍ୟରେ ନିରନ୍ତର ଲିପ୍ତ ଥିବା ବରୀର ସତ୍ୟରଞ୍ଜନ କରଙ୍କୁ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଜିଲା ଜରୁରୀ ଅଧିକାରୀ ଉମେଶ ଚନ୍ଦ୍ର ଲେଙ୍କା ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଆଜିର ଦିବସର ଆଭିମୁଖ୍ୟ ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଶେଷରେ ଓସ୍‌ଡମାର ଜିଲା ସଂଯୋଜକ ସନ୍ତୋଷ କୁମାର ବେହୁରା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଓକିଲଙ୍କ କାର୍ଯ୍ୟବନ୍ଦ ନିଷ୍ପତ୍ତି

ଆସିକା,୨୯।୧୦(ଡି.ଏନ.ଏ.)-ଆସିକା ଓକିଲ ସଂଘ ପକ୍ଷରୁ ଓକିଲମାନେ ସୋମବାର କାର୍ଯ୍ୟବନ୍ଦ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ସଂଘର ସଭାପତି ସୁରେନ୍ଦ୍ରନାଥ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା ବେଳେ ଏ ସମ୍ପର୍କରେ ସଂଘ ପକ୍ଷରୁ ବିଚାର ବିଭାଗୀୟ ଅଧିକାରୀ ଓ ଗଣମାଧମକୁ ସୂଚନା ଦିଆଯାଇଛି। ବ୍ରହ୍ମପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା, ରଷିକୁଲ୍ୟା ଜିଲା ପ୍ରତିଷ୍ଠା ସହ ଆସିକାରେ ସଦର ମହକୁମା ସ୍ଥାପନ, ଆସିକା ରାଜସ୍ୱ ସବଡିଭିଜନ ପ୍ରତିଷ୍ଠା, ଆସିକାକୁ ମ୍ୟୁନିସିପାଲଟି ଏବଂ ଆସିକାରେ ଚାଲିଥିବା ବନ୍ଦୋବସ୍ତ ବ୍ୟବସ୍ଥାକୁ ନିର୍ଦ୍ଧାରିତ ସମୟ ମଧରେ ସାରିବା ଦାବିରେ ଓକିଲମାନେ କାର୍ଯ୍ୟବନ୍ଦ ନିଷ୍ପତ୍ତି ନେଇଛନ୍ତି।

### ବିଇଓଙ୍କ ବିଦ୍ୟାଳୟ ପରିଦର୍ଶନ

ଶେରଗଡ,୨୯।୧୦(ଡି.ଏନ.ଏ.)-ଶେରଗଡ଼ ବିଇଓ ଭାବେ ନୂତନ ଭାବେ ଯୋଗ ଦେଇଥିବା ପ୍ରମୋଦ ଚନ୍ଦ୍ର ସେନାପତି ଶନିବାର ବିଦ୍ୟାଳୟ ପରିଦର୍ଶନ କାର୍ଯ୍ୟ ଆରମ୍ଭ କରିଥିଲେ। ଶନିବାର ଶେରଗଡର ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଯାଇ ସମସ୍ତ ଶ୍ରେଣୀ ବୁଲି ଦେଖିଥିଲେ। ପରେ ଶ୍ରୀପଦ ମଞ୍ଜରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ଶିକ୍ଷକ ବାଳକୃଷ୍ଣ ପାତ୍ରଙ୍କୁ ଭୂଗୋଳ ବିଷୟ ପଢ଼ାଉ ଥିବାର ଦେଖୀ ବିଭିନ୍ନ ପ୍ରଶ୍ନ ପଚାରିଥିଲେ।

### ତାମିଲନାଡୁରେ ଓଡ଼ିଆ ଶ୍ରମିକ ମୃତ

ପାତ୍ରପୁର, ୨୯।୧୦(ଡି.ଏନ.ଏ.)-ଦାଦନ ଖଟିବାକୁ ତାମିଲନାଡୁ ଯାଇଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପାତ୍ରପୁର ବ୍ଲକ ମୁଣ୍ଡେଇସିଙ୍ଗି ଗ୍ରାମର ପର୍ଶୁରାମ ଭୂୟାଁ (୩୦)। ପର୍ଶୁରାମ ତାମିଲନାଡୁର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଶୁକ୍ରବାର ରାତିରେ ନିତ୍ୟକର୍ମ ସାରି ପର୍ଶୁରାମ ଶୋଇବାକୁ ଯାଇଥିଲେ କିନ୍ତୁ ଶନିବାର ସକାଳୁ ସେ ଉଠି ନଥିଲେ । ଖବର ପାଇପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ସମର୍ଥ ବିଦ୍ୟାଳୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗ
### ସ୍ଥଗିତାଦେଶ ଜାରି କଲେ ହାଇକୋର୍ଟ

ଛତ୍ରପୁର,୨୯।୧୦(ଡି.ଏନ.ଏ.)- ଗଞ୍ଜାମ ଜିଲା ଛତ୍ରପୁରସ୍ଥିତ ସମର୍ଥ ଭିନ୍ନକ୍ଷମ ଆବାସିକ ବିଦ୍ୟାଳୟ ଉପରେ ସରକାର ଓ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ନେଇ ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି ।

ସମର୍ଥ ଭିନ୍ନକ୍ଷମ ଆବାସିକ ବିଦ୍ୟାଳୟ ସମ୍ପାଦକ କେ.ଆନନ୍ଦ ରାଓଙ୍କ ବିରୋଧରେ ଅର୍ଥ ଆତ୍ମସାତ ଓ ନିର୍ଯାତନା ଅଭିଯୋଗ ହୋଇଥିଲା। ପରେ ଏହାର ତଦନ୍ତ କରି ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ରିପୋର୍ଟ ଦାଖଲ କରାଯାଇଥିଲା । ଏହି ରିପୋର୍ଟକୁ ଆଧାରକରି ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ୧୩ ତାରିଖରେ ସମର୍ଥ ଭିନ୍ନକ୍ଷମ ଆବାସିକ ବିଦ୍ୟାଳୟ ପରିଚାଳନା ଦାୟିତ୍ୱ ଅନ୍ୟ କୌଣସି ସ୍ୱେଚ୍ଛାସେବୀ ସଙ୍ଗଠନକୁ ଦେବା ପାଇଁ ଗଞ୍ଜାମ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ଜିଲା ପ୍ରଶାସନ ୧୫ ତାରିଖରେ ସମର୍ଥ ପରିଚାଳନା ଦାୟିତ୍ୱ ଜିଲା ପ୍ରଶାସନକୁ ହସ୍ତାନ୍ତର କରିବାକୁ ସମ୍ପାଦକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶକୁ ଚାଲେଞ୍ଜ କରି ଅନୁଷ୍ଠାନ ସମ୍ପାଦକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହି ମାମଲାର ଶୁଣାଣି କରି ୨୮ ତାରିଖରେ ସରକାର ଓ ପ୍ରଶାସନର ଉକ୍ତ ନିର୍ଦ୍ଦେଶନାମା ଉପରେ ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି ।

# ଜେଲ ଗଲେ ବାଘ ଶିକାରୀ

- ଗଞ୍ଜାମ ଜଙ୍ଗଲରେ ୧ବର୍ଷ ତଳେ କରାଯାଇଥିଲା ଶିକାର
- ଛାଲରେ ରହିଛି ୨ ଗୁଳି ଚିହ୍ନ
- ୧୫ ହଜାର ଟଙ୍କାରେ ଡିଲ୍ ହୋଇଥିଲା ଛାଲ
- ବନ୍ଧୁକ ମିଳିଲାନି, ଫାଶ, ଶିକାରୀ ଉପକରଣ ଜବତ

ନୟାଗଡ଼ ଅଫିସ,୨୯।୧୦

ନୟାଗଡ଼ ଖଣ୍ଡପଡ଼ା ରାସ୍ତାର ପାଣିପୋଇଲା ନିକଟବର୍ତ୍ତୀ ଅଞ୍ଚଳରୁ ଶୁକ୍ରବାର ଗିରଫ ହୋଇଥିବା ବାଘ ଶିକାରୀଙ୍କୁ ନୟାଗଡ଼ ବନ ବିଭାଗ ପକ୍ଷରୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ପରେ ନୟାଗଡ଼ ସଦର ଥାନା ଚଣ୍ଡିବସ୍ତ ଗାଁର କୃପାସିନ୍ଧୁ ବିଶ୍ୱାଳ(୬୧)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଏନେଇ ଶନିବାର ସନ୍ଧ୍ୟାରେ ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ ତାଙ୍କ କନଫେରେନ୍ସ ହଲ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାଘ ଶିକାର ଘଟଣାର ଗୁମର ଖୋଲିଛନ୍ତି ।

ଡିଏଫ୍‌ଓଙ୍କ ସୂଚନା ଅନୁସାରେ ନୟାଗଡ଼ ରେଞ୍ଜ ଚଣ୍ଡିବସ୍ତ ଗାଁର କୃପାସିନ୍ଧୁ କଲରାପତରିଆ ବାଘ ଶିକାର କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଥିଲା । ଏହାପରେ ବନ ବିଭାଗ ପକ୍ଷରୁ ନୟାଗଡ଼ ରେଞ୍ଜର ସୁଶାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଖଣ୍ଡପଡ଼ା ରେଞ୍ଜର ଶରତ ଶତପଥୀ, ପଞ୍ଚରିଡା ଫରେଷ୍ଟର ସୁମନ୍ତ ପରିଡ଼ା, ଖଣ୍ଡପଡା ଫରେଷ୍ଟର ସୁମିତ୍ରା ମିଶ୍ର ପ୍ରମୁଖଙ୍କୁ ନେଇ ଏକ ୪ ଜଣିଆ ଟିମ୍ ଗଠନ କରାଯାଇ ତାଙ୍କ ଉପରେ ନଜର ରଖାଯାଇଥିଲା । କୃପାସିନ୍ଧୁ ଓଆର୍ ୨୫– ୩୦୩୪ ବାଇକ୍ ଯୋଗେ ବାଘଛାଲକୁ ନେଇ ଖଣ୍ଡପଡ଼ା ଅଭିମୁଖେ ଯାଉଥିଲେ । ଶୁକ୍ରବାର ତାଙ୍କ ଗିରଫ କରାଯାଇ ବାଇକ୍ ସହ ବାଘ ଛାଲ ଜବତ କରାଯାଇଛି । ତଦନ୍ତରୁ ଜଣାପଡିଛି କୃପାସିନ୍ଧୁ ଜଣେ ପେସାଦାର ଶିକାରୀ ଓ ଗୁଣିଆ । ସେ ସ୍ଥାନୀୟ ଅଞ୍ଚଳର ଜଙ୍ଗଲରୁ ବାରହା ଓ ଅନ୍ୟ ଜୀବଜନ୍ତୁଙ୍କୁ ଶିକାର କରିଥିବା ସ୍ୱୀକାର କରିଛନ୍ତି। ଜବତ ହୋଇଥିବା ଛାଲ ସମ୍ପର୍କରେ ସେ କହିଛନ୍ତି, ଏହି ବାଘକୁ ୫ ବର୍ଷ ତଳେ ଗଞ୍ଜାମ ଜିଲା କଦଳୀଗଡ଼ ଉପର ମୁଣ୍ଡିଆରୁ ଶିକାର କରିଥିଲେ । ହେଲେ ବାଘ ଛାଲକୁ ଅନୁଧ୍ୟାନ କଲେ ତାଙ୍କ କଥା ମିଥ୍ୟା ବୋଲି ଅନୁମାନ କରାଯାଇଛି । ଜବତ ବାଘ ଛାଲ ୫ ବର୍ଷ ତଳର ଶିକାର ନୁହେଁ । ଏହା ପ୍ରାୟ ୧ ବର୍ଷ ତଳର ଶିକାର ବୋଲି ଜଣାପଡୁଛି । ବାଘର ଛାଲ ୭ ଫୁଟ ୨ ଇଞ୍ଚ ରହିଥିବାବେଳେ ଏଥିରେ ୨ଟି ଗୁଳି ଦାଗ ରହିଛି । ପୁଣି ବାଘଟି ଅଣ୍ଡିରା ବର୍ଗର । ୧୫ ହଜାର ଟଙ୍କାରେ ସେହି ଛାଲ ବିକ୍ରି ହେବାକୁ ଡିଲ୍ ହୋଇଥିଲା । ତେବେ ଏହା କିଏ କିଣିଥାନ୍ତା ଓ କେଉଁଠିକି ନେଇ ଯାଉଥିଲେ ସେନେଇ ସୂଚନା ମିଳିନାହିଁ । ଏହି ଶିକାର ଘଟଣାରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ତଦନ୍ତ ଚାଲିଛି । ଅନ୍ୟପକ୍ଷେ ବନ ବିଭାଗ ପକ୍ଷରୁ କୃପାସିନ୍ଧୁଙ୍କ ଘର ଉପରେ ଚଢ଼ାଉ କରାଯାଇ ବିଦ୍ୟୁତ୍ ଫାଶ, ବନ୍ଧୁକ ବ୍ୟାରେଲ, ଗନ୍ ପାଉଡର, ୨୦ଟି ଗୁଳି, ବାରୁଦ ଜବତ କରାଯାଇଛି । ବନ୍ଧୁକର ଟେର ମିଳିଲା ନାହିଁ। ବନ ବିଭାଗ ପକ୍ଷରୁ ୯, ୩୯, ୪୯(ଏ), ୪୯(ବି) ଦଫାରେ ଓଆର୪୧/୨୦୨୨/୨୩ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି ।


ଶିକାରୀ ସହ ଜବତ ବାଘ ଛାଲ ।

# କାମ ନ କରି ଲକ୍ଷାଧିକ ଟଙ୍କାର ବିଲ୍


ମେଶିନ ଦ୍ୱାରା ହୋଇଥିବା ନିମ୍ନମାନର ରାସ୍ତାକାମ ।

- କାପ୍ତାପଲି ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍
- ଟଙ୍କା ଲୁଟିବାର ଉତ୍ତମ ମାଧ୍ୟମ ହୋଇଛନ୍ତି ଶ୍ରମିକ

ନୂଆଗାଁ,୨୯।୧୦(ଡି.ଏନ.ଏ.)

ଶ୍ରମିକମାନେ ଦାଦନ ଯିବା ବନ୍ଦ କରିବା ସହ ନିଜ ଅଞ୍ଚଳରେ ରହି ପରିବାର ପ୍ରତିପୋଷଣ କରିବେ । ପ୍ରତି ଶ୍ରମିକଙ୍କୁ ଶହେ ଦିନର କାମ ଯୋଗାଇ ଦେବା ପାଇଁ ସରକାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ପ୍ରସ୍ତୁତ କରିଛନ୍ତି । କିନ୍ତୁ ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ବାସ୍ତବରେ ତାହା କରାଯାଉ ନ ଥିବା ଅଭିଯୋଗ ହେଉଛି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଶ୍ରମିକ ବଦଳରେ ମେଶିନ କାମ କରୁଥିବା ବେଳେ ଅନୁଦାନ ହଡପ କରିବା ପାଇଁ ଶ୍ରମିକମାନଙ୍କୁ ମାଧ୍ୟମ କରାଯାଉଥିବା ଅଭିଯୋଗ ହୋଇଛି । ଏମ୍‌ଜିଏନ୍‌ଆରଇଜିଏସ୍‌ର ବାସ୍ତବ ଚିତ୍ର ଦେଖିବାକୁ ମିଳିଛି ନୟାଗଡ ଜିଲା ନୂଆଗାଁ ବ୍ଲକ କାପ୍ତାପଲି ପଞ୍ଚାୟତରେ। ଅଳ୍ପ କିଛି କାମ କରି ଲକ୍ଷାଧିକ ଟଙ୍କା ବିଲ୍ ହୋଇଥିବା ଅଭିଯୋଗ ହେଉଛି ।

ନୂଆଗାଁ ବ୍ଲକ କାପ୍ତାପଲି ପଞ୍ଚାୟତର ଡେଙ୍ଗାବାରୀ , ଭଣ୍ଡାରୀବାରି ଗ୍ରାମକୁ ରାସ୍ତା ନିର୍ମାଣ ସହ ଲତାଦେଇ ପାହାଡ ପର୍ଯ୍ୟଟନ ସ୍ଥଳର ଉନ୍ନତି କରଣ ସକାଶେ ରାସ୍ତା ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି କରି ଆସୁଥିଲେ। ତେଣୁ ପ୍ରଧାନମନ୍ତ୍ରୀ ସଡ଼କଠାରୁ ଡେଙ୍ଗାବାରୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ୪୦ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିଲା। ଉକ୍ତ ଅନୁଦାନରୁ ଭଣ୍ଡାରିବାରୀଠାରୁ ଡେଙ୍ଗାବାରି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ଠିକାଦାର ମେଶିନ ଦ୍ୱାରା ନିମ୍ନମାନର କାମ କରି ଶ୍ରମିକଙ୍କ ନାମରେ ୮ଲକ୍ଷ ୭୨ ହଜାର ୭୮୦ ଟଙ୍କା ବିଲ୍ କରି ନେଇଛନ୍ତି। ଅଳ୍ପ ମାଟି ପଡିଥିଲେ ମଧ୍ୟ ରାସ୍ତାର ସ୍ଥିତି ନ ବଦଳି ପୂର୍ବ ଭଳି ରହିଥିବା ଅଭିଯୋଗ ହେଉଛି । କାମର ସୂଚନା ଫଳକ ନିର୍ମାଣ କରାଯାଇଥିଲେ ମଧ୍ୟ ସେଥିରେ ସମ୍ପୂର୍ଣ୍ଣ ତଥ୍ୟ ଉଲ୍ଲେଖ କରାଯାଇ ନ ଥିବା ଦେଖିବାକୁ ମିଳିଛି । ତେବେ ବଳକା ଥିବା ଟଙ୍କାରେ କାମ ନ କରି ହଡପ ଉଦ୍ୟମ ଚାଲିଥିବା ଅଭିଯୋଗ ହେଉଛି । ଅଭିଯୋଗ ବାବଦରେ କାପ୍ତାପଲି ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ସନାତନ ଭୋଳଙ୍କୁ ପଚାରିବାରେ ସେ କାମ ବିଷୟରେ ମୁଁ କିଛି ଜାଣି ନାହିଁ । ପ୍ରାୟ ୧ ବର୍ଷ ହେଲା ମୁଁ ଉକ୍ତ ପଞ୍ଚାୟତର କାମ କରୁଥିଲେ ମଧ୍ୟ ସେଭଳି ଫାଇଲ ମୋତେ ଦିଆ ଯାଇ ନାହିଁ ବୋଲି କହିଛନ୍ତି। ଅନ୍ୟପକ୍ଷେ କାପ୍ତାପଲି ପଞ୍ଚାୟତର ପୂର୍ବତନ ଯନ୍ତ୍ରୀ ବର୍ଷେ ହେଲା ଅନ୍ୟ ବ୍ଲକକୁ ବଦଳି ହୋଇ ଯାଇଥିଲେ ମଧ୍ୟ ଉକ୍ତ ପଞ୍ଚାୟତର ଅନେକ ଫାଇଲ ନିଜ ପାଖରେ ରଖିଛନ୍ତି। ଫାଇଲ ହସ୍ତାନ୍ତର କରିବା ପାଇଁ ନୂଆଗାଁ ବ୍ଲକ ତରଫରୁ ଅନେକ ଥର କୁହାଯାଇଥିଲେ ମଧ୍ୟ ସେ ଫାଇଲ ଫେରାଉ ନାହାନ୍ତି। ତେବେ ପୂର୍ବତନ ଯନ୍ତ୍ରୀ ରଖିଥିବା ଫାଇଲଗୁଡିକର ବିଲ୍ କରିବାକୁ ସମ୍ପୃକ୍ତ ଯନ୍ତ୍ରୀ ଗଣିଆ ବ୍ଲକରୁ ନୂଆଗାଁ ବ୍ଲକ କାପ୍ତାପଲୀ ପଞ୍ଚାୟତକୁ ୩ ମାସ ପାଇଁ ଆସିବାକୁ ନୟାଗଡ଼ ଜିଲାପାଳ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି ।

## ୧୮ ରୋଗୀଙ୍କ ଖର୍ଚ୍ଚ ବୁଝିବେ ୧୮ ବିଶିଷ୍ଟ ବ୍ୟକ୍ତି

### ଟିବି ମୁକ୍ତ ବେଲଗୁଣ୍ଠା ବ୍ଲକ ଲକ୍ଷ୍ୟ

ଭଞ୍ଜନଗର, ୨୯।୧୦ (ଡି.ଏନ.ଏ)

ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନ ମାଧ୍ୟମରେ ବେଲଗୁଣ୍ଠା ବ୍ଲକକୁ ଟିବି ରୋଗ ମୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି। ବର୍ତ୍ତମାନ ବ୍ଲକର ବିଭିନ୍ନ ଗ୍ରାମରେ ୯୨ ଜଣ ଯକ୍ଷ୍ମା (ଟିବି) ରୋଗୀ ଅଛନ୍ତି। ସରକାରଙ୍କ ପକ୍ଷରୁ ସେମାନଙ୍କୁ ମାଗଣାରେ ଔଷଧ ଯୋଗାଇ ଦିଆଯାଉଛି। କିନ୍ତୁ ସେଥିମଧ୍ୟରେ ଅଧିକାଂଶ ଗରିବ ରୋଗୀ ଅଛନ୍ତି। ଔଷଧ ସରକାରଙ୍କ ପକ୍ଷରୁ ମାଗଣା ମିଳିଥିଲେ ମଧ୍ୟ ଅନେକଙ୍କ ଆର୍ଥିକ ସ୍ଥିତି ଭଲ ନଥିବା ଯୋଗୁ ସେମାନେ ପୃଷ୍ଟିସାର ଖାଦ୍ୟ ଖାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ରୋଗ ଭଲ ହେବାରେ ବିଳମ୍ବ ହେଉଛି। ଏହିଭଳି ଗରିବ ରୋଗୀଙ୍କୁ ଚିହ୍ନଟକରୀ ସେମାନଙ୍କ ପାଖରେ ରୋଗ ଭଲ ହେବା ପର୍ଯ୍ୟନ୍ତ ମାଗଣାରେ ଖାଦ୍ୟ ଓ ରାଶନ ସମାଗ୍ରୀ ପହଞ୍ଚାଇ ଦେବାକୁ ବ୍ଲକର ଅନେକ ବିଶିଷ୍ଟ ବ୍ୟକ୍ତି ନିଷ୍ପତ୍ତି ନେଇଛନ୍ତି। ଶନିବାର ବେଲଗୁଣ୍ଠା ମେଡିକାଲ ପରିସରରେ ରୋଟାରୀ କ୍ଲବ ଏବଂ ମେଡିକାଲ ପକ୍ଷରୁ ମିଳିତ ଭାବେ ଅନୁଷ୍ଠିତ ଏକ ବୈଠକରେ ପ୍ରଥମ ପର୍ଯ୍ୟାୟରେ ୧୮ ଜଣ ଗରିବ ରୋଗୀଙ୍କୁ ଏହି ସେବା ଯୋଗାଇ ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ଭଞ୍ଜନଗର ରୋଟାରୀ କ୍ଲବ ସଭାପତି ମଧୁସୂଦନ ମହାପାତ୍ର, ରୋଟାରିଆନ ରବୀନ୍ଦ୍ର ପାଣିଗ୍ରାହୀ, ପ୍ରଶାନ୍ତ ସାହୁ, ଜୋଛନା ଶତପଥୀ, ମଞ୍ଜରୀ ବିଶ୍ୱାସ,ସବିତା ବେହେରା, ବବିତା ପତି, ଦୀପ୍ତିମାୟି ସାହୁଙ୍କ ଭଳି ୧୮ ଜଣ ବିଶିଷ୍ଟ ବ୍ୟକ୍ତି ଉକ୍ତ ୧୮ ରୋଗୀ ଭଲ ହେବା ପର୍ଯ୍ୟନ୍ତ ସେମାନଙ୍କ ସମସ୍ତ ଖର୍ଚ୍ଚ ବହନ କରିବେ। ଆଗାମୀ ଦିନରେ ବଳକା ଗରିବ ରୋଗୀଙ୍କୁ ଚିହ୍ନଟକରୀ ସେମାନଙ୍କ ପାଖରେ ମଧ୍ୟ ଏହିଭଳି ସୁବିଧା ପହଞ୍ଚାଇଦିଆଯିବ।

# ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲଦଣ୍ଡ

## ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର ମାମଲା

ନୟାଗଡ଼ ଅଫିସ,୨୯।୧୦

ନୟାଗଡ଼ ସହକାରୀ ଦୌରାଜଜ ତଥା ମୁଖ୍ୟ ବିଚାର ବିଭାଗୀୟ ବିଚାରପତିଙ୍କ କୋର୍ଟରେ ଦଶପଲ୍ଲା ଥାନା ଅଞ୍ଚଳର ଏକ ଭିନ୍ନକ୍ଷମ ଯୁବତୀଙ୍କ ବଳାତ୍କାର ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି । ସହକାରୀ ଦୌରାଜଜ ତଥା ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ପ୍ରଜ୍ଞା ପରମିତା ମହାପାତ୍ର ୨୧ ଜଣଙ୍କ ସାକ୍ଷୀ, ପ୍ରତିପକ୍ଷ ଓ ସରକାରୀ ଓକିଲଙ୍କ ଯୁକ୍ତି, ପ୍ରମାଣ, ଡାକ୍ତରୀ ରିପୋର୍ଟକୁ ବିଚାରକୁ ନେଇ ବଳାତ୍କାରୀ ଖଣ୍ଡପଡ଼ାର ରବି ବେହେରା(୫୫)ଙ୍କୁ ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଅନ୍ୟପକ୍ଷେ ୫ ହଜାର ଜରିମାନା, ଜରିମାନା ଅନାଦେୟ ୬ମାସ ଅଧିକ ଜେଲ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ଓକିଲ ପ୍ରଭାତ ଆଦିତ୍ୟ ବରାଳଙ୍କ ସୂଚନା ଅନୁଯାୟୀ, ଭିନ୍ନକ୍ଷମ ଯୁବତୀ ଘରେ ଏକୁଟିଆ ଥିବାବେଳେ ରବି ଓ ଅନ୍ୟ ଜଣେ ନାବାଳକ ଟାଙ୍ଗିଆ ଆଣିବା ବାହାନାରେ ଯାଇ ବଳାତ୍କାର କରିଥିଲେ। ପୀଡ଼ିତା ଗର୍ଭବତୀ ହେବା ପରେ ଏହି ଘଟଣା ଜଣାପଡିଥିଲା । ପୀଡ଼ିତାଙ୍କ ମା'ଘଟଣା ସମ୍ପର୍କରେ ଜାଣିବା ପରେ ଦଶପଲ୍ଲା ଥାନାରେ ୨୦୧୯ ଜୁଲାଇ ୨ରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରି ଏକ ମାମଲା(ନଂ.୭୯/୧୯) ରୁଜୁ କରିଥିଲା । ବଳାତ୍କାର ଘଟଣାରେ ରବିଙ୍କୁ ଗିରଫ କରି ଜେଲ ପଠାଇଥିଲା । ରବି ଜାମିନରେ ଆସିଥିଲେ । ସେହିପରି ନାବାଳକଙ୍କ ମାମଲା ଜୁଭେନାଇଲ କୋର୍ଟରେ ବିଚାରାଧୀନ ଅଛି।

# ଆଜି ସମବାୟ ନିର୍ବାଚନ, ୫ ଜୋନ ପାଇଁ ୩ ବୁଥ୍

ନୟାଗଡ଼ ଅଫିସ,୨୯।୧୦

ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳନା ପରିଷଦ ଗଠନ ପାଇଁ ରବିବାର ନିର୍ବାଚନ ହେବ । ଏହାର ୧୫ ଜୋନ୍ ପାଇଁ ୫୭ ଜଣ ଡାଇରେକ୍ଟର ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ୩୨ ଡାଇରେକ୍ଟର ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରି ନେଇଥିଲେ । ନାମାଙ୍କନ ପତ୍ର ପ୍ରତ୍ୟାହାର ପରେ ୧୦ ଡାଇରେକ୍ଟର ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ୧୫ ଜୋନରୁ ୩, ୪, ୬, ୭ ଓ ୧୧ ନଂ. ଜୋନ ପରି ୫ ଜୋନରେ ନିର୍ବାଚନ ହେଉଛି । ୧୫ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅଛନ୍ତି । ୩ ଓ ୪ ନଂ. ଜୋନ ପାଇଁ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ୬ ଓ ୭ନଂ. ଜୋନ ପାଇଁ ବାଳିକା ଉଚ୍ଚ ବିଦ୍ୟାଳୟ ଓ ୧୧ ନଂ. ଜୋନ ପାଇଁ ଏନ୍‌ଏସି ହାଇସ୍କୁଲ ନୟାଗଡ଼ରେ ମତଦାନ କେନ୍ଦ୍ର ହୋଇଛି । ନିର୍ବାଚନ ପାଇଁ ପୋଲିଂ ଅଫିସର ଓ ପ୍ରିଜାଇଡିଂ ଅଫିସର ଭୋଟ ଗ୍ରହଣ କେନ୍ଦ୍ରକୁ ଯାଇଛନ୍ତି। ନିର୍ବାଚନ ଅଧିକାରୀ ଉପଜିଲାପାଳ ଲଗ୍ନଜିତ ରାଉତ ଓ ସହକାରୀ ନିର୍ବାଚନ ଅଧିକାରୀ ସୁଦାମ ଚରଣ ଜେନା ନିର୍ବାଚନ ପରିଚାଳନା କରୁଛନ୍ତି।

# ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

ଭାପୁର,୨୯।୧୦(ଡି.ଏନ.ଏ.)

ଫତେଗଡ଼ ଥାନା ଭାପୁର ବ୍ଲକ ଅଧୀନ ବାଇଗୁଣିଆ ଗ୍ରାମରେ ଏକ ବଡ଼ ଧରଣର ଚୋରି ଘଟଣା ଘଟିଛି । ଚୋରମାନେ ଗଣେଶ୍ୱର ଦଳେଇଙ୍କ ଘରେ ପଶି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି । ଏ ସଂକ୍ରାନ୍ତରେ ଫତେଗଡ ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ କେତେଜଣ ଦୁର୍ବୃତ୍ତ ଗ୍ରୀଲ ଭାଙ୍ଗି ତାଙ୍କ ଘରେ ପଶିଥିଲେ । ଘରେ ଥିବା ଲୁହା ଆଲମିରା ଭାଙ୍ଗି ଲକରରେ ଥିବା ୩ଟି ସୁନା ହାର ,୨ ସୁନା ଚେନ ,୩ ହଳ ସୁନା କାଚ, ୨ ହଳ ପେଣ୍ଡିଫୁଲ, କାନ ଝରାଫୁଲ , ୫ ସୁନାମୁଦି ସହିତ ରୁପା ଅଳଙ୍କାର ଲୁଟି ନେଇଥିଲେ। ପୋଲିସ ତଦନ୍ତ ଆରମ୍ଭ କରିଛି ।

# ଅହୋରାତ୍ର ଧାରଣା ପରେ ଆନ୍ଦୋଳନ ସ୍ଥଗିତ



ପ୍ରଶାସନିକ ଅଧିକାରୀମାନେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଦଶପଲ୍ଲା,୨୯।୧୦(ଡି.ଏନ.ଏ.)

ବିଦ୍ୟାଳୟ ଗୃହ ନିର୍ମାଣ ଦାବିରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଧାରଣା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି । ଆନ୍ଦୋଳନ ସ୍ଥଳରେ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ । ଦାବି ପୂରଣ ପାଇଁ ପ୍ରତିଶ୍ରୁତି ମିଳିବାରୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଗୁରୁବାର ଦଶପଲ୍ଲା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଳଶାଖମଣ ପଞ୍ଚାୟତର ମଡିକୁମ୍ପା ପ୍ରାଥମିକ ବିଦ୍ୟାଳୟ ଗୃହ ନିର୍ମାଣ ଦାବିରେ ମହିଳା ଜୀବିକା ସୁରକ୍ଷା ମଞ୍ଚ, ନୟାଗଡ଼ ତରଫରୁ ଗଣଧାରଣା ଆରମ୍ଭ ହୋଇଥିଲା। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଗୁରୁବାରଠାରୁ ଧାରଣା ଆରମ୍ଭ ହୋଇଥିଲା। ଶୁକ୍ରବାର ଅପରାହ୍ନରେ ପ୍ରଶାସନିକ ଅଧିକାରୀ ପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ରହିଥିଲା।

# ସମସ୍ୟା ନେଇ ଟ୍ରାକ୍ଟର ମାଲିକଙ୍କ ବିକ୍ଷୋଭ

ପାରଳାଖେମୁଣ୍ଡି,୨୯।୧୦(ଡି.ଏନ୍.ଏ.)



ଟ୍ରାକ୍ଟର ମାଲିକମାନେ ବିକ୍ଷୋଭ କରୁଛନ୍ତି।

ପାରଳାଖେମୁଣ୍ଡିଠାରେ ବାଲିଉଠାଣ ସମୟରେ ହେଉଥିବା ସମସ୍ୟାର ସମାଧାନକୁ ନେଇ ଟ୍ରାକ୍ଟର ମାଲିକମାନେ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ କରିଛନ୍ତି। ଶତାଧିକ ମାଲିକ ଓ କର୍ମଚାରୀ, ଜିଲାର ସାତୋଟି ବ୍ଲକ ମଧ୍ୟରୁ ଚାରୋଟି ବ୍ଲକ ବାଲି ପାଇଁ ସମ୍ପୂର୍ଣ୍ଣ ଭାବରେ ବଂଶଧାରା ନଦୀ ଉପରେ ନିର୍ଭର କରିଥାନ୍ତି, କିନ୍ତୁ କିଛି ମାସ ହେଲା ଟ୍ରାକ୍ଟର ମାଧ୍ୟମରେ ବାଲି ଉଠାଣ ନେଇ ସମସ୍ୟା ଦେଖାଦେଇଛି। ବଂଶଧାରା ନଦୀର କାଶୀନଗରଠାରେ ବାଲି ଉଠାଣ ନିମନ୍ତେ ଅନୁମତି ପାଇଥିବା ବ୍ୟବସାୟୀଙ୍କ ମନମୁଖି କାର୍ଯ୍ୟ ସାଙ୍ଗକୁ ବେଆଇନ କାର୍ଯ୍ୟକଳାପ ଯୋଗୁ ସମସ୍ୟା ସୃଷ୍ଟି ହୋଇଛି। ଟ୍ରାକ୍ଟର ମାଲିକଙ୍କ ଅଭିଯୋଗ ପ୍ରକାରେ, ଡମ୍ପର ଯୋଗେ ବାଲିଉଠାଣ ସାଙ୍ଗକୁ ଆନ୍ଧ୍ର ଚାଲାଣ କରାଯାଉଥିବା ବେଳେ ସ୍ଥାନୀୟ ଟ୍ରାକ୍ଟରକୁ ଅନୁମତି ନଥିବା କୁହାଯାଉଛି। ଯଦି ଉଠାଇବାର ସୁଯୋଗ ମିଳେ ଡମ୍ପର ପାଇଁ ଯେତିକି ଟିକସ, ଟ୍ରାକ୍ଟର ପାଇଁ ମଧ୍ୟ ସମାନ ଟିକସ ଦେବାକୁ ପଡୁଛି। ଅନ୍ୟପକ୍ଷରେ ଆର ଫର୍ମରେ ଠିକ ତଥ୍ୟ ରଖାଯାଉନାହିଁ ଏବଂ ଟିକସ ଆଦାୟ ବାବଦକୁ ରସିଦ ଦେଉନାହାନ୍ତି। ସମାନ ସ୍ଥାନରୁ ସ୍ଥାନୀୟ ଟ୍ରାକ୍ଟର ଯୋଗେ ବାଲି ଉଠାଣରେ ସୁବିଧା ନ ଥିବାରୁ ଅଧିକ ଚଡା ଦର ସହିତ ସରକାରୀ ଓ ଘରୋଇ ନିର୍ମାଣ କାର୍ଯ୍ୟ ଅଟକି ରହିଛି। ଫଳରେ ଗାଡିର କର୍ମଚାରୀ ଏବଂ ଶ୍ରମିକମାନେ କାମ ପାଇବାରୁ ବଞ୍ଚିତ ହେଉଛନ୍ତି। ସମାନ ଭାବରେ ସରକାରୀ ଉନ୍ନୟନ ନିର୍ମାଣ କାର୍ଯ୍ୟରେ ମଧ୍ୟ ବହୁ ବିଳମ୍ବ ଦେଖାଦେଉଛି। ଏଥିସହିତ ବେଆଇନ ଭାବରେ ଅର୍ଥ ଉପାର୍ଜନ କରି ମାଲାମାଲ ହେଉଛନ୍ତି ଗୁଣ୍ଡାଦଳ। ଏ ସମ୍ପର୍କରେ ପ୍ରଶାସନିକ ନିକଟରେ ବାରମ୍ବାର ଅଭିଯୋଗ ପରେ ବି କୌଣସି ସୁଫଳ ନ ମିଳିବାରୁ ତିନି ମାସଧରି କାର୍ଯ୍ୟ ବନ୍ଦ ପରେ ଆଜି ଶୋଭାଯାତ୍ରାରେ ଆସି ଟ୍ରାକ୍ଟର ମାଲିକମାନେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଯଥାଶୀଘ୍ର ସମସ୍ୟାର ସମାଧାନ ନ ହେଲେ ସଂଘ ଆନ୍ଦୋଳନକୁ ବ୍ୟାପକ କରିବାକୁ ଚେତାବନୀ ଦେଇଛି। ତେବେ ଏ ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବା ଯୋଗୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ଆର.ଉଦୟଗିରିରେ ସାମାଜିକ ଜନଶୁଣାଣି


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଆର.ଉଦୟଗିରି,୨୯।୧୦(ଡି.ଏନ.ଏ.)

ଆର.ଉଦୟଗିରି ବ୍ଲକ କାର୍ଯ୍ୟାଳୟ ପରିସରରେ ୨୦୨୧ ଆର୍ଥିକ ବର୍ଷ ପାଇଁ ଶୁକ୍ରବାର ସମାଜିକ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଗତ ଆର୍ଥିକ ବର୍ଷରେ ସମୁଦାୟ ୬.୦୧, ୫୮୧ କର୍ମଦିବସ ସୃଷ୍ଟି ହୋଇଥିବା ବେଳେ ଏ ବାବଦରେ ୨୩ କୋଟି ୧୧ ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ କରାଯାଇଛି। ସେହିଭଳି ସମୁଦାୟ ୮୬୫ଟି ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ୧୧୪ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ଏବଂ ୭୫୦ଟି ପ୍ରକଳ୍ପ ଏପର୍ଯ୍ୟନ୍ତ ଚାଲିଥିବା ଜଣାପଡିଛି। ୧, ୨୦୨ ପରିବାର ଶହେ ଦିନ ଲେଖାଏ କାର୍ଯ୍ୟଦିବସ ପୂର୍ଣ୍ଣ କରିଛନ୍ତି ବୋଲି ସୂଚନା ଦିଆଯାଇଥିଲା। ଏହିକାର୍ଯ୍ୟକ୍ରମରେ ଏସିଡିଓ ଲଳିତ କୁମାର କହଁର, ଜିଲା ସାମାଜିକ ଅଡିଟର୍ ବାବୁଲା ବିଷୋୟୀ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମିନାରାୟଣ ଶବର, ସିଡିପିଓ ଲଳିତା ପୂଜାରୀ, ସରପଞ୍ଚ, ସମିତିସଭ୍ୟା/ସଭ୍ୟ, ପିଇଓ, ଜିଆରସ, କନିଷ୍ଠ ଯନ୍ତ୍ରୀ, ଜିପିଇଓ, ଭିଆରପି, ବିଏସସଓ, ବନବିଭାଗ, ଉଦ୍ୟାନ ବିଭାଗ ଓ ଆଇଟିଡିଏ ବିଭାଗ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ବିଡିଓ ଲରିମନ ଖର୍ସେଲ ପରିଚାଳନା କରିଥିବା ବେଳେ ଏପିଓ ଅକ୍ଷୟ କୁମାର ବିଷୋଇରତ୍ନ ସହଯୋଗ କରିଥିଲେ।

# ନିୟମ ଉଲ୍ଲଂଘନ ଆଳରେ ରୋଜଗାର

- ଲାଞ୍ଚ ନେଇ ଟ୍ରାଫିକ ପୋଲିସ ଅପଦସ୍ଥ
- ସିସିଟିଭି ଧରାଇଲା ଲାଞ୍ଚ କାରବାର

ନୟାଗଡ଼ ଅଫିସ,୨୯।୧୦



ନୟାଗଡ଼ ଟ୍ରାଫିକ୍ ପୋଷ୍ଟ ନିକଟରେ ଜଣେ ହୋମ୍‌ଗାର୍ଡ ଟ୍ରାଫିକ୍ ନିୟନ୍ତ୍ରଣ କରୁଛନ୍ତି ।

ନୟାଗଡ଼ ଜିଲା ସଦର ମହକୁମାର ମୁଖ୍ୟ ଛକରେ ଥିବା ଟ୍ରାଫିକ୍ ପୋଷ୍ଟରେ ନିୟୋଜିତ ଟ୍ରାଫିକ୍ ପୋଲିସ ଓ କେତେଜଣ ହୋମ୍‌ଗାର୍ଡ ବେଆଇନ ଭାବେ ଅର୍ଥ ରୋଜଗାର କରୁଥିବା ଅଭିଯୋଗ ହୋଇଛି। ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥାକୁ ସୁଧାରିବା ପାଇଁ ନିୟୋଜିତ କର୍ମଚାରୀମାନେ ସେବା ବଦଳରେ ଗାଡ଼ି ଚାଳକଙ୍କୁ ଶୋଷଣ କରୁଛନ୍ତି । ଟ୍ରାଫିକ ନିୟମ ଉଲ୍ଲଂଘନ ଦର୍ଶାଇ ନିକଟରେ ଜଣେ ଟ୍ରାଫିକ ପୋଲିସ ଜଣେ ବାଇକ୍ ଚାଳକଙ୍କଠାରୁ ଲାଞ୍ଚ ନେବା ଘଟଣା ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିବା ପରେ ସେ ହଟହଟା ହୋଇଛନ୍ତି । ସମ୍ପୃକ୍ତ ଟ୍ରାଫିକ୍ ପୋଲିସ କ୍ଷମା ମାଗି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିଥିଲେ ମଧ୍ୟ ରୋଜଗାର ନିଶାକୁ ସହଜରେ ଛାଡ଼ିପାରୁନାହାନ୍ତି ବୋଲି ଗାଡ଼ି ଚାଳକମାନେ କହିଛନ୍ତି ।

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ନୟାଗଡ଼ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଖଣ୍ଡପଡ଼ା, ଭୁବନେଶ୍ୱର, ଓଡ଼ଗାଁ ଓ ଦଶପଲ୍ଲାକୁ ସଂଯୋଗ କରୁଥିବା ରାସ୍ତାରେ ରହିଛି ଟ୍ରାଫିକ୍ ପୋଷ୍ଟ। ସେଠାରେ ଭିଡ଼ ନିୟନ୍ତ୍ରଣ ପାଇଁ ଟ୍ରାଫିକ୍ ପୋଲିସ ଓ ସହଯୋଗ ଲାଗି କେତେଜଣ ହୋମ୍‌ଗାର୍ଡଙ୍କୁ ନିୟୋଜିତ କରାଯାଇଛି। ତେବେ ଟ୍ରାଫିକ୍ ନିୟମ ଭଙ୍ଗ ଅଭିଯୋଗରେ ଅଧିକାଂଶ ଟ୍ରାଫିକ୍ ପୋଲିସ ଓ ହୋମଗାର୍ଡ ଲାଞ୍ଚ ନେଉଥିବାର ଅଭିଯୋଗ ହୋଇଆସୁଛି। ଲାଞ୍ଚ ନ ଦେଲେ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହୋଇଯିବ, ଅଧିକ ଜରିମାନା ଗଣିବାର ଭୟ ଦେଖାଇ ଚାଳକମାନଙ୍କୁ ଭୟଭୀତ କରାଯାଉଛି। କିଛିଦିନ ତଳେ ଜଣେ ଟ୍ରାଫିକ୍ ପୋଲିସ ଜଣେ ବାଇକ୍ ଚାଳକଙ୍କୁ ବିଭିନ୍ନ ଭୟ ଦେଖାଇ ଲାଞ୍ଚ ନେଇଥିଲେ। ହେଲେ ସେ ଭୁଲିଯାଇଥିଲେ ଯେଉଁଠାରେ ଏହି ଲାଞ୍ଚ କାରବାର ଚାଲିଛି ସେହି ଅଞ୍ଚଳ ସିସିଟିଭି ପରିସରରେ ରହିଛି । ଘଟଣାସ୍ଥଳରେ କେତେଜଣ ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ଏହାକୁ ବିରୋଧ କରିଥିଲେ । ହେଲେ ଟ୍ରାଫିକ୍ ପୋଲିସ ନିଜ ଆଚରଣରେ ପରିବର୍ତ୍ତନ କରି ନ ଥିଲେ । ଟ୍ରାଫିକ୍ ପୋଲିସର କାରନାମା ନେଇ ଗଣମାଧ୍ୟମ ପ୍ରତିନିଧି ନୟାଗଡ଼ ଟାଉନ ଥାନା ଆଇଆଇସି ଓ ନୟାଗଡ଼ ଏସ୍‌ପିଙ୍କୁ ଅବଗତ କରାଇବା ପରେ ଲାଞ୍ଚ କାରବାରର ସତ୍ୟତା ଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି ।

ଏ ନେଇ ଭାପୁରର ଯଶ୍ମିନ୍ ବେହେରା କୁହନ୍ତି, ନୟାଗଡ଼ ଟ୍ରାଫିକ୍ ପୋଷ୍ଟରେ ବାଇକ୍ ଓ ଯାନବାହନ ଚାଳକଙ୍କୁ ଅଯଥାରେ ହଇରାଣ କରାଯାଉଛି। ଚାଳକମାନେ ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କରିପାରୁ ନ ଥିବାରୁ ସେମାନଙ୍କ ମନମାନି ବଢ଼ିଚାଲିଛି। ଏହା ଉପରେ ଲଗାମ ଲଗାଇବା ଦରକାର ବୋଲି ସେ କହିଛନ୍ତି। ଦଶପଲ୍ଲାର ବୁଦ୍ଧିଆ ସାହୁ କୁହନ୍ତି, ଟ୍ରାଫିକ୍ ପୋଷ୍ଟରେ ନିୟୋଜିତ ପୋଲିସ ଓ ଅନ୍ୟମାନେ ଭିଡ଼ ନିୟନ୍ତ୍ରଣକୁ ନଜର ନ ଦେଇ ଲାଞ୍ଚକୁ ଗୁରୁତ୍ୱ ଦେଉଥିବାରୁ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜିଲା ସଦର ମହକୁମାରେ ବିପର୍ଯ୍ୟସ୍ତ ଟ୍ରାଫିକ୍ ସେବାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏନେଇ ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପହି କୁହନ୍ତି, ଟ୍ରାଫିକ୍ ପୋଲିସ ଲାଞ୍ଚ ନେଉଥିବା ଗଣମାଧ୍ୟମ ପ୍ରତିନିଧିଙ୍କଠାରୁ ଜଣାପଡିବା ପରେ ଏହାର ତଦନ୍ତ ପାଇଁ ଟାଉନ ଥାନା ଆଇଆଇସିଙ୍କୁ କୁହାଯାଇଛି। ଟ୍ରାଫିକ୍ ସେବାର ସୁବନ୍ଦୋବସ୍ତ ପାଇଁ ସିସିଟିଭି କ୍ୟାମେରା ଲାଗିଛି ବୋଲି ସେ ସ୍ପଷ୍ଟ କରିଛନ୍ତି ।

### ସିସିଟିଭି ନଜରରେ ଟ୍ରାଫିକ୍ ଛକ

ଟ୍ରାଫିକ୍ ପୋଷ୍ଟରେ ଲାଗିଥିବା ସିସିଟିଭି କାମ କରୁଥିଲେ ହେଁ ଏହା ଅନେକଙ୍କୁ ଅଜଣା। କାରଣ ଏହି ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇ ନ ଥିଲା। ହେଲେ କିଛିଦିନ ହେଲା ଏହା କାମ କରୁଛି। ସିସିଟିଭି ନଜରରେ ଏବେ ଟ୍ରାଫିକ୍ ଛକ ଥିବାରୁ ଟ୍ରାଫିକ ନିୟମ ଭଙ୍ଗ କରୁଥିବା ଚାଳକମାନେ ସାବଧାନ ହୋଇଯିବା ଦରକାର ବୋଲି ମତ ପ୍ରକାଶ ପାଇଛି। ନଚେତ୍ ସେମାନଙ୍କୁ ଫାଇନ୍ ଦେବାକୁ ପଡ଼ିପାରେ, ଯେପରି ସିସିଟିଭି ପାଖରେ ରହି ଟ୍ରାଫିକ ପୋଲିସ ଲାଞ୍ଚ ନେଇ ହଟହଟା ହୋଇଛନ୍ତି। ଟ୍ରାଫିକ୍ ଛକରେ ସିସିଟିଭି କାର୍ଯ୍ୟକ୍ଷମ ପରେ ଟ୍ରାଫିକ ନିୟମ କଡ଼ାକଡ଼ି ହୋଇପାରେ ବୋଲି ସୂଚନା ମିଳିଛି ।

## ସଂକ୍ଷେପରେ

### ମାଙ୍କଡ଼ ଆକ୍ରମଣରେ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ଆହତ

**ଭାପୁର,୨୯।୧୦(ଡି.ଏନ.ଏ.):** ଭାପୁର ବ୍ଲକ ବିଜିପୁର ପଞ୍ଚାୟତରେ ମାଙ୍କଡ ଆକ୍ରମଣରେ ଶୁକପୋଖରୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ଓ ୨ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଶନିବାର ମଧ୍ୟାହ୍ନଭୋଜନ ଖାଇବା ପାଇଁ ସମସ୍ତ ଛାତ୍ରୀଛାତ୍ର ବସିଥିବା ସମୟରେ ଏହି ଘଟଣା ଘଟିଥିଲା । ଫଳରେ ଛାତ୍ରୀଛାତ୍ରମାନେ ଭୟରେ ଏଣେତେଣେ ଦୌଡିଥିଲେ । ମାଙ୍କଡ କାମୁଡାରେ ଲହଙ୍ଗା ସାହିର ଟୁକୁନା ଡାଲୁଆଙ୍କ ପୁଅ ଆକାଶ(୬) ଓ ଶୁକପୋଖରୀ ଗ୍ରାମର ଅଶନ ପରିଡାଙ୍କ ଝିଅ ଖୁସି (୧୦)ଆହତ ହୋଇଛନ୍ତି । ଶିକ୍ଷୟିତ୍ରୀ ପ୍ରଶ୍ନାଞ୍ଜଳୀ ନାୟକ ମଧ ମାଙ୍କଡ କାମୁଡାରେ ଆହତ ହୋଇଛନ୍ତି । ଖବର ପାଇ ଫରେଷ୍ଟ ଗାର୍ଡ ସୁବାସ ଚନ୍ଦ୍ର ନାୟକ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ବନପାଳ ବନମାଳୀ ରାଉତଙ୍କ କହିବା ଅନୁଯାୟୀ ହନୁ ମାଙ୍କଡଟି ପାଗଳ ହୋଇନାହିଁ । ଖାଦ୍ୟ ପାଇଁ ଆସିଥିଲା । ପିଲାମାନେ ଭୟରେ ପାଟିତୁଣ୍ଡ କରିବାକୁ ଏପରି ଘଟଣା ଘଟିଥାଇପାରେ ।

### ମହିଳାଙ୍କଠାରୁ ବ୍ୟାଗ୍,ମୋବାଇଲ ଲୁଟ୍

**ଖଣ୍ଡପଡ଼ା,୨୯।୧୦(ସ୍ୱ.ପ୍ର.):** ନୟାଗଡ଼ ଜିଲା ଇଟାମାଟି ଗ୍ରାମର ଉମାକାନ୍ତ ସାହୁ ବାଇକ୍‌ରେ ସ୍ତ୍ରୀ ସ୍ୱର୍ଣ୍ଣଲତା ଓ ପୁଅକୁ ଧରି ବାଇଗୁଣିଆଁ ଗ୍ରାମକୁ ଯାଉଥିବା ବେଳେ ଲୁଟ୍‌ର ଶିକାର ହୋଇଛନ୍ତି । ଏ ସମ୍ପର୍କରେ ସ୍ୱର୍ଣ୍ଣଲତା ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଖଣ୍ଡପଡ଼ା ଥାନା ଅଧୀନ ଖଳିସାହି ଗ୍ରାମରେ ଏକ ଦଶାହ ଭୋଜିରେ ଯୋଗ ଦେବାକୁ ଏହି ଦମ୍ପତି ଆସିଥିଲେ । ସୋମାନେ ବାଇକ୍ ଯୋଗେ ଖଣ୍ଡପଡ଼ା ଦେଇ ବାଇଗୁଣିଆଁ ଅଭିମୁଖେ ଶନିବାର ସନ୍ଧ୍ୟାରେ ଫେରୁଥିବା ବେଳେ ଉମାଦେବୀ ଛକ ନିକଟରେ ୨ ଲୁଟେରା ତାଙ୍କ ବ୍ୟାଗ୍ ଓ ମୋବାଇଲ ଫୋନ୍ ଲୁଟି ନେଇଥିବା ଅଭିଯୋଗ ହୋଇଛି ।

### ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ଗୋପାଳପୁର,୨୯।୧୦(ଡି.ଏନ.ଏ.):** ଗୋଳନ୍ଥରା ଥାନା ଅଧୀନ ରାଳବ ଗ୍ରାମରେ ଶନିବାର ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଜଣକ ହେଲେ ଏମ୍.ଚିରଞ୍ଜୀବୀ ପାତ୍ର। ଖବର ଅନୁସାରେ ଏହି ଥାନା ଅନ୍ତର୍ଗତ ରାଳବ ଗ୍ରାମରେ ଚିରଞ୍ଜୀବୀଙ୍କ ଗୋଷ୍ଠୀ ସହ ଗ୍ରାମର ଅନ୍ୟ ବିରୋଧୀ ଗୋଷ୍ଠୀଙ୍କ ମଧରେ ପୂର୍ବ ଶତ୍ରୁତାରୁ ମୁହାଁମୁହିଁ ହେବା ସହ ଛକାପଞ୍ଝା ଲାଗି ରହିଥିଲା। ଶନିବାର ପୂର୍ବାହ୍ନରେ ଚିରଞ୍ଜୀବୀ ଗ୍ରାମ ପୋଖରୀରେ ଗାଧୋଉଥିବା ବେଳେ ବିପରୀତ ଗୋଷ୍ଠୀର ଚାରିରୁ ପାଞ୍ଚ ଜଣ ଖଣ୍ଡା ଓ ଠେଙ୍ଗାରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସେଥିରେ ସେ ରକ୍ତାକ୍ତ ହୋଇଥିଲେ।

## ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ସଂଘ ପକ୍ଷରୁ ବ୍ଲକ ଶିକ୍ଷା ଅଧିକାରିଣୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ରଣପୁର,୨୯।୧୦(ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଆହ୍ୱାନକ୍ରମେ ୨ ଶହରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ, ଶିକ୍ଷକ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହି ଅବସରରେ ସଂଘର କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷା ଅଧିକାରିଣୀ ବନଲତା ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ନୂଆ ପେନ୍‌ସନ ସ୍କିମ୍(ଏନ୍‌ପିଏସ୍) ଲାଗୁ, ଶିକ୍ଷା ସହାୟକଙ୍କ ୬ ବର୍ଷ ଅବଧିକୁ ମୂଳ ଚାକିରିରେ ଗଣନା କରାଯିବା ସହ ସମସ୍ତ ସରକାରୀ ସୁବିଧା ସୁଯୋଗ ପ୍ରଦାନ ଏବଂ ଗ୍ରେଡ୍ ପେ’ ବୃଦ୍ଧି କରାଯିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି । ଏନ୍‌ପିଏସ୍ ବର୍ଗର ପ୍ରାଥମିକ ଶିକ୍ଷକମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ ରଣପୁର ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଜ୍ୟୋତିରଞ୍ଜନ କର ଓ ଶିକ୍ଷୟିତ୍ରୀ ନୟନିବାଳା ମହାରଣା ପ୍ରମୁଖ ବିରୋଧ କରିଥିଲେ। ଏହି ଆନ୍ଦୋଳନରେ ସଂଘର କର୍ମକର୍ତ୍ତା ଓ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

### ୫ରେ ଖଣ୍ଡପଡ଼ା ବ୍ଲକରେ ନିଯୁକ୍ତିମେଳା

ଖଣ୍ଡପଡ଼ା,୨୯।୧୦(ସ୍ୱ.ପ୍ର.)

ଖଣ୍ଡପଡ଼ା ଶିଳ୍ପ ତାଲିମ ଅନୁଷ୍ଠାନ ପରିସରରେ ନଭେମ୍ବର ୫ତାରିଖରେ ଜିଲା ପ୍ରଶାସନ ଆନୁକୂଲ୍ୟରେ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହେବ । ଶିକ୍ଷିତ ବେକାର ଯୁବତୀ ଯୁବକମାନେ ବହୁ ସଂଖ୍ୟାରେ ଏହି ନିଯୁକ୍ତି ମେଳାରେ ଉପସ୍ଥିତ ରହିବାକୁ ଜିଲା ନିୟୋଜକ ଅଧିକାରୀ ଦୁର୍ଗା ଚରଣ ଦାସ ଓ ଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ପ୍ରଦୀପ କୁମାର ବଳିୟାର ସିଂ ଅନୁରୋଧ କରିଛନ୍ତି।

### ୩୧ରେ ଖଣ୍ଡପଡ଼ା ବ୍ଲକରେ ଜନଶୁଣାଣି ଶିବିର

ଖଣ୍ଡପଡ଼ା,୨୯।୧୦(ସ୍ୱ.ପ୍ର.)

ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ସୋମବାର ଖଣ୍ଡପଡା ବ୍ଲକ ପରିସରରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ । ନୟାଗଡ଼ର ନୂତନ ଜିଲାପାଳ ଓ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଜନଶୁଣାଣି ଶିବିରରେ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣିବେ । ତେଣୁ ନିର୍ଦ୍ଧାରିତ ଦିନ ବ୍ଲକ ପରିସରରେ ଜନ ସାଧାରଣ ଉପସ୍ଥିତ ରହିବାକୁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ମୌଳିକ ସୁବିଧା ଯେଉଁଠି ଅପହଞ୍ଚ

### ଗୋଳାପୋଖରୀ ଗାଁ

ଖଣ୍ଡପଡ଼ା,୨୯।୧୦ (ସ୍ୱ.ପ୍ର.)

ରାଜ୍ୟ ସରକାର ୧୯୮୯ରେ ଖଣ୍ଡପଡ଼ା ଏନଏସିକୁ ବିଜ୍ଞାପିତ ଅଞ୍ଚଳ ପରିଷଦର ମାନ୍ୟତା ପ୍ରଦାନ କରିଥିଲେ । ଏନ୍‌ଏସି ଅଧୀନ ଗୋଳାପୋଖରୀ ଗାଁ ଦୀର୍ଘ ୩୨ ବର୍ଷ ପରେ ବି ଅବହେଳିତ ଅବସ୍ଥାରେ ରହିଛି । ଆଦିବାସୀ ବହୁଳ ଅଞ୍ଚଳ ବିକାଶର ନାରା କେବଳ ପ୍ରତିଶ୍ରୁତି ଓ ପ୍ରଚାର ମଧ୍ୟରେ କିଭଳି ସୀମିତ ତାହା ଗୋଳାପୋଖରୀ ଗ୍ରାମର ସ୍ଥିତି ଦେଖିଲେ ସ୍ପଷ୍ଟ ବାରି ହୋଇପଡୁଛି । ଖଣ୍ଡପଡ଼ା ସହରାଞ୍ଚଳର ୧୨ ନଂ. ୱାର୍ଡ ଅଧୀନ ଗୋଳାପୋଖରୀ ଗ୍ରାମବାସୀଙ୍କ ପାଇଁ ସର୍ବନିମ୍ନ ମୌଳିକ ସୁବିଧା ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।

ପ୍ରଶାସନିକ ଅଣଦେଖା ଯୋଗୁ ବିଭିନ୍ନ ସମସ୍ୟା ମଧରେ ଗତି କରୁଥିବା ସ୍ଥାନୀୟ ଲୋକଙ୍କ ଦୁଃଖ ଅସରନ୍ତି । ଉକ୍ତ ଗ୍ରାମକୁ ଭଲ ରାସ୍ତାଟିଏ ନାହିଁ । ଖଣ୍ଡପଡ଼ା-ନୟାଗଡ଼ ପୂର୍ତ୍ତ ବିଭାଗ ମୁଖ୍ୟରାସ୍ତାଠାରୁ ଗୋଳାପୋଖରୀ ଗ୍ରାମକୁ ସଂଯୋଗ କରୁଥିବା ସଡ଼କ କିଛି ଅଂଶ ସିମେଣ୍ଟ କଂକ୍ରିଟ କରାଯାଇଛି । ରାସ୍ତାରେ ପଡୁଥିବା ନାଳ ଯୋଗୁ ବର୍ଷର ୬ ମାସ ସ୍ଥାନୀୟ ବାସିନ୍ଦା ଯାତାୟତ ନିମନ୍ତେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଉକ୍ତ ନାଳ ଉପରେ ପୋଲଟିଏ ନିର୍ମାଣ ନିମନ୍ତେ ଗ୍ରାମବାସୀ ବାରମ୍ବାର ଦାବି କରି ଆସୁଥିଲେ ହେଁ ପ୍ରଶାସନ ସେଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି । ସଂରକ୍ଷିତ ଜଙ୍ଗଲ ମଧ୍ୟ ଦେଇ ଗୋଳାପୋଖରୀ ଗ୍ରାମକୁ ରାସ୍ତାଟି ସଂଯୋଗ କରୁଥିବାରୁ ପକ୍କା ରାସ୍ତା ନିର୍ମାଣ ନିମନ୍ତେ ଜଙ୍ଗଲ ବିଭାଗ ଅନୁମତି ପ୍ରଦାନ କରୁ ନ ଥିବା ସୂଚନା ମିଳିଛି । ଗ୍ରାମବାସୀଙ୍କୁ ପାଇପ୍ ଲାଇନ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇ ନ ଥିବା ବେଳେ ଗ୍ରାମରେ ଏକ ବୋରିଂ କରାଯାଇ ପାନୀୟ ଜଳପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି। ମାତ୍ର ଅଦ୍ୟାବଧି ପମ୍ପ ହାଉସକୁ ବିଦ୍ୟୁତ ସଂଯୋଗୀକରଣ କରାଯାଇନାହିଁ । ଫଳରେ ଗ୍ରାମବାସୀ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଘଞ୍ଚ ଜଙ୍ଗଲ ମଧ୍ୟରେ କୌଳିକ ବୃତ୍ତିକୁ ଆଦରି ଆଦିବାସୀ ପରିବାର ବାସ କରୁଥିଲେ ହେଁ ପ୍ରଶାସନିକ ଉଦାସୀନତା ସେମାନଙ୍କ ପାଇଁ କାଳ ହୋଇଛି । ଗୋଳାପୋଖରୀ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ ଏନ୍‌ଏସି ପକ୍ଷରୁ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା କରାଯାଇଥିଲା । ମାତ୍ର ବିଦ୍ୟୁତ ଖୁଣ୍ଟରୁ ଲୁଟେରାମାନେ ଏଲଇଡି ବଲ୍‌ବଗୁଡିକ ଚୋରି କରି ନେଇଥିବାରୁ ସୂର୍ଯ୍ୟ ନଇଁଲେ ଉକ୍ତ ରାସ୍ତା ଅନ୍ଧାରରେ ରହୁଛି । ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଗୋଳାପୋଖରୀ ଆଦିବାସୀ ଗ୍ରାମ ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।


ନାଳ ଉପରେ ପୋଲ ନିର୍ମାଣ କରାଯାଉ ନାହିଁ।


ଗାଁକୁ ପଡ଼ିଥିବା ରାସ୍ତା ମାଟି କାଦୁଅରେ ପୂର୍ଣ୍ଣ ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆକାଶ


@ ଆଶିଷ


@ ଚନ୍ଦନ



@ ପ୍ରଶାନ୍ତ


@ ରଜନୀକାନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଓଡ଼ଗାଁ କଲେଜ ଛାତ୍ରୀ ଶିକ୍ଷା ସମ୍ମାନରେ ବିଶ୍ୱବିଦ୍ୟାଳୟ ଟପ୍ପର

ଓଡ଼ଗାଁ,୨୯।୧୦(ସ୍ୱ.ପ୍ର.)


ପୂଜାରାଣୀ ସାହୁ

ନୟାଗଡ଼ ଜିଲା ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ ଛାତ୍ରୀ ପୂଜାରାଣୀ ସାହୁ ଶିକ୍ଷା ସମ୍ମାନରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି । ୨୦୨୨ ଶିକ୍ଷା ବର୍ଷ ନିମନ୍ତେ ୧୬ ଅଗଷ୍ଟରେ ପ୍ରକାଶ ପାଇଥିବା ସ୍ନାତକ ଫଳାଫଳ ଅନୁସାରେ ପୂଜାରାଣୀ ୯.୩୫ ସିଜିପିଏ ହାସଲ କରିଥିବା ବେଳେ ଶୁକ୍ରବାର ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ମିଳିଥିବା ର୍ୟାଙ୍କ ତାଲିକା ଅନୁସାରେ ପୂଜା ବିଶ୍ୱବିଦ୍ୟାଳୟସ୍ତରରେ ଟପ୍ପର ହୋଇଥିବା ଜଣାପଡ଼ିଛି । ଏହା ସହିତ ଏହି କଲେଜ ଛାତ୍ରୀ ସୋନାଲୀ ମହାରଣା ଶିକ୍ଷା ସମ୍ମାନରେ ୯.୦୫ ସିଜିପିଏ ହାସଲକରି ବିଶ୍ୱବିଦ୍ୟାଳୟସ୍ତରରେ ୯ମ ସ୍ଥାନରେ ରହିଛନ୍ତି । ଏତଦ୍ ବ୍ୟତୀତ ଦର୍ଶନ ବିଭାଗ ଛାତ୍ରୀ ଜ୍ୟୋତି ସାହୁ ୮.୭୪ ସିଜିପିଏ ହାସଲ କରି ବିଶ୍ୱବିଦ୍ୟାଳୟ ସ୍ତରରେ ୩ୟ ସ୍ଥାନ ହାସଲ କରିଛନ୍ତି । କଲେଜର ୩ ଛାତ୍ରୀଙ୍କ ବିଶ୍ୱବିଦ୍ୟାଳୟସ୍ତରର ସଫଳତା ନିମନ୍ତେ କଲେଜ ଅଧ୍ୟକ୍ଷ ରାଜକିଶୋର ସାହୁ, ପରିଚାଳନା କମିଟି ସଭାପତି ସୁରେଶ ଚନ୍ଦ୍ର ହୋତା ତଥା ଅଧ୍ୟାପିକା ଓ ଅଧ୍ୟାପକ ବିଭାଗୀୟ ମୁଖ୍ୟ ଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ଭାପୁର,୨୯।୧୦(ଡି.ଏନ.ଏ.)

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ପଦ୍ମାବତୀଠାରେ ଥିବା ପ୍ରହଲ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ପ୍ରଥମ ବର୍ଷର ପିଲାମାନଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷା ପୂର୍ଣ୍ଣିମା ଷଡ଼ଙ୍ଗୀ ଅଧ୍ୟକ୍ଷତା କରି ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ରମେଶ ଚନ୍ଦ୍ର ବରାଡ଼, ଫକୀର ମୋହନ ସ୍ୱାଇଁ, ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ ।